Daily Edition:
RNI No.ODIODI/2010/33791

ସୋମବାର, ୨୯ ଜାନୁଆରୀ ୨୦୧୮
ଭାଗ ୮ ସଂଖ୍ୟା ୧୬୬

Monday, 29 January 2018
Volume VIII, Issue No 166

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମକର ୧୫ ; ମାଘ ୧୧ଶୀ
୧୯୩୯ ଶକାବ୍ଦ, ୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟଂ ପରଂ ଧୀମହି

# ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର




ଶରୀରରେ ଟାଟୁ ଆଙ୍କିଲେ ବାୟୁସେନାରୁ ଚାକିରି ହରାଇବାକୁ ପଡିବ: ଦିଲ୍ଲୀ ହାଇକୋର୍ଟ

**ପ୍ରସଙ୍ଗ** Email : srutimedia@gmail.com

ଅର୍ଥନୈତିକ ସର୍ଭେ ରିପୋର୍ଟ ଆର୍ଥିକ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ସଠିକ ଛବି ଦେଇ ଥାଏ କି ?

୨୮/୧ର ମତ

ପୁସ୍ତକ ଉନ୍ମୋଚନ ଆଳରେ ନବୀନ ଜାତୀୟସ୍ତରରେ ତାଙ୍କ ପ୍ରଭାବ ଥିବା ଦର୍ଶାଇବାକୁ ଉଦ୍ୟମ କରୁଛନ୍ତି କି ?

ନା ୩୧%

ହଁ ୬୯%

## ଭିତର ପୃଷ୍ଠାରେ



ଅକ୍ସିଜେନ ସିଲିଣ୍ଡର ଟାଣିନେଲା ଏମଆରଆଇ ମେସିନ :ଯୁବକ ମୃତ



ତାଲିବାନ୍‌କୁ ନିପାତ କରିବାର ସମୟ ଉପନୀତ : ଟ୍ରମ୍ପ



ଚୀନ ପାକିସ୍ତାନକୁ ଦେଲା ଯୁଦ୍ଧ ଡ୍ରୋନ



ନଦିଆରେ ଉଡିଲା ସବୁଠାରୁ ବଡ ତ୍ରିରଙ୍ଗା



ଦୁର୍ଘଟଣାରେ ୨ ପୋଲିସ ସମେତ ୭ ମୃତ

# ଆଜି ଠାରୁ ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ, ୨୮/୧ (ଏଜେନ୍ସି) : ସୋମବାର ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ବଜେଟ୍ ଅଧିବେଶନ । ଏହି ଅଧିବେଶନ ଜାନୁୟାରୀ ୨୯ରୁ ଏପ୍ରିଲ୍ ୬ ତାରିଖ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମେ ଜାନୁୟରୀ ୨୯ରୁ ଫେବୃୟାରୀ ୯ ଓ ପରେ ମାର୍ଚ୍ଚ ୫ରୁ ଏପ୍ରିଲ୍ ୬ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ । ଫେବୃଆରୀ ୧୦ ତାରିଖରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ସାମୟିକ ବିରତି ରଖାଯିବ। ଏହି ସମୟ ମଧ୍ୟରେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗୀୟ ବଜେଟ ପ୍ରସ୍ତାବକୁ ଷ୍ଟାଣ୍ଡିଂ କମିଟି ତର୍ଜମା କରିବେ। ଆସନ୍ତା ମାସ ପହିଲାରେ ୨୦୧୮-୧୯ ପାଇଁ ସାଧାରଣ ବଜେଟ୍ ଆଗତ କରାଯିବ ।

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି । ତେଣୁ ଏହି ବଜେଟ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏଥିପୂର୍ବରୁ ରବିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସରକାର ସବୁ ଦଳର ସହଯୋଗ ଲୋଡ଼ିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ଗୃହମନ୍ତ୍ରୀ ରାଜନାଥ ସିଂହ , ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, କଂଗ୍ରେସ ଦଳରୁ ଶ୍ରୀ ଗୁଲାମନବୀ ଆଜାଦ୍, ଶ୍ରୀ ଆନନ୍ଦ ଶର୍ମା ଏବଂ ଶ୍ରୀ ଦିପେନ୍ଦର ହୁଦା, ସମାଜବାଦୀ ପାର୍ଟୀର ଶ୍ରୀ ରାମ ଗୋପାଳ ଯାଦବ, ଶରଦ ଯାଦବ ଏବଂ ଶ୍ରୀ କେ.ସି.ତ୍ୟାଗୀ, ବିଜେଡିର ଶ୍ରୀ ଭର୍ତ୍ତୃହରି ମହତାବ୍, ବିଏସପିର ଶ୍ରୀ ଆମ୍ବେଥ ରାଜନ, ଟିଏମସିର ଶ୍ରୀ ଡେରିକ ଓ ବ୍ରିୟେନ ଏବଂ ଏଆଇଡିଏମକେର ଡ.ଭେନୁଗୋପାଳ ଏହି ବୈଠକରେ ସରକାରଙ୍କ ସହିତ ବିଚାର ବିମର୍ଶ କରିଥିଲେ।

ଅପରପକ୍ଷେ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ ଲୋକସଭାର ଏକ ସର୍ବଦଳୀୟ ବୈଠକ ଡକାଇଥିଲେ। ଏଥିରେ ବିଭିନ୍ନ ଦଳର ପ୍ରତିନିଧି ସାଂସଦ ମାନେ ଯୋଗ ଦେଇଥିଲେ । ସେମାନଙ୍କ ସହ ବାଚସ୍ପତି ଆଗାମୀ ଅଧିବେଶନର ବିଭିନ୍ନ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିବା ସହ ଗୃହକାର୍ଯ୍ୟରେ ସେମାନଙ୍କ ସହଯୋଗ ଲୋଡିଥିଲେ।

ପ୍ରକାଶ ଥାଉକି ସୋମବାର ଅଧିବେଶନ ପ୍ରାରମ୍ଭରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଭୟ ଗୃହର ମିଳିତ ଅଧିବେଶନରେ ତାଙ୍କ ଅଭିଭାଷଣ ରଖିସାରିବା ପରେ ଲୋକସଭାରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ । ଏହାକୁ ନେଇ ସମଗ୍ର ଦେଶ ଓ ଆର୍ଥିକ ବିଶେଷଜ୍ଞମାନେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ଗତବର୍ଷ ଜୁଲାଇ ପହିଲାରୁ ଜିଏସ୍‌ଟି ଲାଗୁ ହେବାପରେ ଅର୍ଥନୀତିର ଗତି କୁଆଡ଼କୁ ଯାଉଛି ତାହା ଏହି ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହୋଇଯିବ। ତା'ଛଡ଼ା ବିତ୍ତୀୟ ନିଅଣ୍ଟକୁ ନେଇ କେନ୍ଦ୍ର ସରକାରଙ୍କ ପ୍ରସ୍ତୁତି ଓ ବାସ୍ତବତା ମଧ୍ୟ ସମ୍ମୁଖକୁ ଆସିବ । ଏତଦ୍‌ବ୍ୟତୀତ ବିଭିନ୍ନ ଅର୍ଥନୈତିକ ସଂସ୍ଥା ଯଥା ରିଜର୍ଭ ବ୍ୟାଙ୍କ୍ ଏବଂ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଦେଶର ଅଭିବୃଦ୍ଧି ହାରକୁ ନେଇ ଯେଉଁ ମତପୋଷଣ କରିଆସିଛନ୍ତି । ସେଥିରେ କେତେ ସତ୍ୟତା ରହିଛି ତାହା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼ିବ । ପ୍ରତିବର୍ଷ ସାଧାରଣ ବଜେଟ୍ ଆଗତ ହେବାର ପୂର୍ବଦିନ ହିଁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଇଥାଏ । କିନ୍ତୁ ଚଳିତ ବର୍ଷ ଏହା ଅଧିବେଶନର ଆରମ୍ଭ ଦିନ ହିଁ ଉପସ୍ଥାପନ କରାଯିବ ।

ଏତଦଭିନ୍ନ ଚଳିତ ଅଧିବେଶନରେ ସରକାର ତିନି ତଲାକ ସମ୍ପର୍କିତ ମୁସଲିମ ମହିଳା ବିବାହ ଅଧିକାର ସୁରକ୍ଷା ବିଲ-୨୦୧୭କୁ ରାଜ୍ୟ ସଭାରେ ପାରିତ କରାଇବାକୁ ଚେଷ୍ଟା କରିବେ। ସେହିପରି ଗ୍ରାଚୁଇଟୀ ସଂଶୋଧନ୍ ବିଲକୁ ମଧ୍ୟ ଉପସ୍ଥାପିତ କରାଯାଇପାରେ ।



ଲୋକସଭାରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ

### କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ଧର୍ମେନ୍ଦ୍ରଙ୍କ ସରକାରଙ୍କୁ କଟୁ ସମାଲୋଚନା

# ସିବିଆଇ ତଦନ୍ତ ଦାବି

- ଅଞ୍ଜନା ମିଶ୍ର ମାମଲାରେ ଫୋରେନ୍‌ସିକ୍ ଯାଞ୍ଚ ରିପୋର୍ଟ ଚାପି ଦିଆଯାଇଥିବାବେଳେ କୁନ୍ଦୁଲିର ଦଳିତ ଝିଅ ସସ୍ମିତା ମାମଲାରେ ମଧ୍ୟ ସମାନ ଘଟଣା ଘଟିଛି
- ଖୋଦ୍ ଡିଜି ପୋଲିସ, ଡିଆଇଜି ମାନବାଧିକାର ସୁରକ୍ଷା, କୋରାପୁଟ ଏସ୍ ପି ଓ ସର୍ବୋପରି ଗୃହମନ୍ତ୍ରୀ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆତ୍ମହତ୍ୟା ମାମଲାରେ ଦୋଷୀ
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଲୋକଙ୍କ କୋହକୁ ବୁଝିପାରୁ ନାହାଁନ୍ତି, ଅଭିଶାପ ପଡ଼ିବ
- ହରିୟାଣା ସରକାର ପରି ସତ ସାହସ ଓ ନୈତିକତା ଥିଲେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୧ (ଶ୍ରୁମି) କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ରକ୍ଷକ ଭକ୍ଷକ ସାଜିବା ବିଡମ୍ବନାର ବିଷୟ ବୋଲି ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱର ପଟିଆ ଅଞ୍ଚଳର ଶିଖରଚଣ୍ଡୀ ନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିବା ପରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଅଞ୍ଜନା ମିଶ୍ର ମାମଲାରେ ଫୋରେନ୍‌ସିକ୍ ଯାଞ୍ଚ ରିପୋର୍ଟ ଚାପି ଦିଆଯାଇଥିବାବେଳେ କୁନ୍ଦୁଲିର ଦଳିତ ଝିଅ ସସ୍ମିତା ମାମଲାରେ ମଧ୍ୟ ସମାନ ଘଟଣା ଘଟିଛି । ରିପୋର୍ଟକୁ ସରକାର ଚାପି ଦେବାକୁ ଅପଚେଷ୍ଟା କରୁଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଂଜନା ମିଶ୍ର ମାମଲା ସାମନାକୁ ଆସିଥିଲା ମାତ୍ର ସେତେବେଳେ ଅଞ୍ଜନା ଘଟଣାକୁ ନେଇ ଓଡିଶାର ରାଜରାସ୍ତାରେ ଲଢେଇ ହୋଇଥିଲା । ଏ ବିଷୟରେ ତାଙ୍କୁ କେତେ ଖବର ଅଛି ଜଣା ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ କୁନ୍ଦୁଲି ଗଣଦୁଷ୍କର୍ମ ପୀଡ଼ିତାଙ୍କ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅପାରଗତା




ପଦାରେ ପଡିଛି । ରକ୍ଷକ ଭକ୍ଷକ ହେବା ପ୍ରଜାତନ୍ତ୍ରରେ ବିଡ଼ମ୍ବନା। ସେ କହିଛନ୍ତି ଯେ ଖୋଦ୍ ଡିଜି ପୋଲିସ, ଡିଆଇଜି ମାନବାଧିକାର ସୁରକ୍ଷା, କୋରାପୁଟ ଏସ୍ ପି ଓ ସର୍ବୋପରି ଗୃହମନ୍ତ୍ରୀ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆତ୍ମହତ୍ୟା ମାମଲାରେ ଦୋଷୀ । ସେ କହିଛନ୍ତି ଯେ ସଂସ୍କୃତ କଥା 'ନ ତଥା ବାଧତେ ସ୍କନ୍ଧଃ ତବ ବାଧତେ ବାଧତି ବାଧତେ' ପରି ମୃତ୍ୟୁ ପରେ ମଧ୍ୟ ସଂପୃକ୍ତ ଦଳିତ ଝିଅକୁ ସରକାର ଓ ସରକାରୀ ଦଳର ପ୍ରବକ୍ତାମାନଙ୍କ ଦ୍ୱାରା ଯେଉଳି ଭାବେ କଡା ଶବ୍ଦରେ ଦୋଷୀ ଭାବେ ଚିତ୍ରଣ କରାଯିବାକୁ ଚେଷ୍ଟା କରା ଯାଉଛି ତାହା ଆହୁରି ଦୁଃଖ ଦାୟକ। ସେ କହିଛନ୍ତି ଯେ ଏହା ଏକ ସାମାଜିକ ବ୍ୟାଧି । ଆଗରୁ ମଧ୍ୟ ହୋଇଛି । ତେବେ ଏହି ମାମଲାରେ ଯେପରି ଭାବେ ଗଣଦୁଷ୍କର୍ମ ପୀଡ଼ିତାକୁ ପାଗଳି କୁହାଗଲା, ପ୍ରେମ ଜନିତ ବ୍ୟାପାର କୁହାଗଲା ତାହା ଦୁଃଖଦ । ଏବେ ଏବେ ପରିବାର ସଦସ୍ୟଙ୍କ ଆବେଗ ଓ ଦୁଃଖଭରା ବକ୍ତବ୍ୟ ଗଣମାଧ୍ୟମରେ ଆସିଛି । ଏପରି ଘଟଣା ସଭ୍ୟ ସମାଜରେ ହୋଇପାରେ ବୋଲି ଚିନ୍ତା କରି ହେଉନି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାରେ ନିଶାସକ୍ତ ଓ ମଦମସ୍ତ । ସେ ଓଡ଼ିଆ ଲୋକଙ୍କ କୋହକୁ ବୁଝିପାରୁ ନାହାଁନ୍ତି । ଏହାର ଅଭିଶାପ ରାଜ୍ୟସରକାରଙ୍କ ଉପରେ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଦେବା ନାମରେ ବିଜେଡିର ଲୋକ ମାନେ ଜଣେ ମହିଳାଙ୍କ ସହିତ ଦୁର୍ବ୍ୟବହାର କରିଛନ୍ତି । ଏହାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଘଂଟ ଘୋଡାଇଛନ୍ତି । ପ୍ରବାଦ ▶୩ ପୃଷ୍ଠାରେ

# ବିଜେଡିର ବିଜେପୁର କସରତ

## ଫେବୃୟାରୀ ୫ରେ ନାମାଙ୍କନ ପତ୍ର ଦାଖଲ କରିବେ ରୀତା ସାହୁ



ଭୁବନେଶ୍ୱର, ୨୮/୧ (ଶ୍ରୁମି) : ବିଜେପୁର ବିଧାନସଭା ଉପନିର୍ବାଚନ ପାଇଁ ପୂର୍ବତନ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି ବିଜେଡି। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ରୀତା ସାହୁ ବିଜେଡିରେ ଯୋଗ ଦେଇଥିଲେ । ରବିବାର ନବୀନ ନିବାସରେ ଅନୁଷ୍ଠିତ ଏକ ବୈଠକ ପରେ ରୀତା ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିବା ନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ଉପନିର୍ବାଚନରେ ସେ ନିଶ୍ଚୟ ବିଜୟୀ ହେବେ । ପ୍ରତିବନ୍ଧକ ଅନେକ ଥିଲେ ମଧ୍ୟ ବିଜେଡି ପ୍ରଥମ ଦିନରୁ ବିଜେପୁର ଉପନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ସେ କହିଛନ୍ତି । ବିଜେପୁର ଅଞ୍ଚଳର ଅନେକ ଲୋକ ପ୍ରତିଦିନ ବିଜେଡିରେ ଯୋଗ ଦେଉଥିବା ସେ ପ୍ରକାଶ କରିଛନ୍ତି । ରବିବାର ବିଜେପୁର ଗାଇସିଲଟ ବ୍ଲକ୍‌ର ସରପଞ୍ଚ ଓ ସମିତି ସଭ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଏହା ଦଳକୁ ଆହୁରି ମଜବୁତ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆସନ୍ତା ମାସ ୨୪ ତାରିଖରେ ବିଜେପୁର ଉପନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ । ୨୮ ତାରିଖରେ ଏହାର ମତଗଣନା ହେବା ସହ ସେହିଦିନ ଏହାର ଫଳାଫଳ ପ୍ରକାଶ ପାଇବ ।

# ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରିବ ବିଜେପି

ଭୁବନେଶ୍ୱର, ୨୮/୧ (ଶ୍ରୁମି): ଆଗାମୀ ବିଜେପୁର ଉପ ନିର୍ବାଚନ ପାଇଁ ବିଜେପି ତରଫରୁ ପ୍ରାର୍ଥୀଙ୍କ ନାମ ଖୁବଶୀଘ୍ର ଘୋଷଣା କରାଯିବ । ଜିଲ୍ଲାସ୍ତରରୁ ମନୋନୀତ ହୋଇଥିବା ପ୍ରାର୍ଥୀଙ୍କ ନାମ ଓ ଯୋଗ୍ୟତା ଅନୁଯାୟୀ ତାଲିକା କେନ୍ଦ୍ରକୁ ପଠାଯାଇଛି । ପ୍ରାର୍ଥୀଙ୍କ ନାମ ଆଗାମୀ ୨ରୁ ୩ଦିନ ମଧ୍ୟରେ ବିଜେପି ସଂସଦୀୟ ବୋର୍ଡ ଘୋଷଣା କରିବେ ବୋଲି ରବିବାର ରାଜ୍ୟ ବିଜେପି କୋର କମିଟିର ବୈଠକ ପରେ ଦଳର ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜିଲା ସ୍ତରରୁ ଆସିଥିବା ସମସ୍ତ ପ୍ରାର୍ଥୀଙ୍କ ତାଲିକାକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଛି । ଏଥି ସହ ଜିଲ୍ଲା ସମିତିର ବି ମତାମତ ନେଇ ପ୍ରାର୍ଥୀଙ୍କ ନାମ ସୁପାରିଶ କରାଯାଇଛି । ରବିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କୋର କମିଟି ବୈଠକରେ ପ୍ରାର୍ଥୀତ୍ୱ ପାଇଁ ଆସିଥିବା ସମସ୍ତ ନାମଗୁଡିକ ସମ୍ବନ୍ଧରେ ଚର୍ଚ୍ଚା ହେବା ପରେ କେନ୍ଦ୍ରର ମୋହର ପାଇଁ ପଠାଇ ଦିଆଯାଇଛି । ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ନୀତି ଆନୁସାରେ ବିଜେପି ପ୍ରାର୍ଥୀ ଚୟନରେ ତିନୋଟି ମାପଦଣ୍ଡ ବ୍ୟବହାର କରିଆସୁଛି । ସେହି ମାପଦଣ୍ଡ ଅନୁସାରେ ବିଜେପୁର ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରାଯିବ । ଯେଉଁ ବ୍ୟକ୍ତି ଦଳର ବିଚାରଧାରକୁ ବିଧାନସଭାରେ ସଠିକ୍ ଭାବରେ ପ୍ରତିନିଧିତ୍ୱ କରିପାରିବ, ସମସ୍ତଙ୍କ ସହ ବନ୍ଧୁଭଳି ବ୍ୟବହାର କରୁଥିବେ ଏବଂ ଜନସମର୍ଥନ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ନବୀନ ସରକାରଙ୍କ ଦୀର୍ଘ ୧୮ ବର୍ଷର ସ୍ଥାଣୁ, ଅପାରଗ ଓ ଭ୍ରଷ୍ଟ ଶାସନ ଯୋଗୁଁ ରାଜ୍ୟବାସୀ ଅଣନିଃଶ୍ୱାସୀ ହୋଇପଡିଲେଣି । ମା'ଙ୍କୁ ସମ୍ମାନ ଏଠି କେବଳ ଘୋଷଣା ସର୍ବସ୍ୱ । ରାଜ୍ୟରେ ଇତିଶ୍ରୀ, ବେବିନା, ମାଧବୀଲତା ଭଳି ନାରୀମାନଙ୍କୁ ନବୀନ ସରକାର ହତ୍ୟା କରିବା ପାଇଁ ଅପରାଧିକ ଷଡଯନ୍ତ୍ର ରଚନା କରିଛନ୍ତି ବୋଲି ସେ କହିଛନ୍ତି । ଏବେ କୁନ୍ଦୁଲି ପୀଡିତା ଏବଂ ବାଣପୁର ପୀଡିତାଙ୍କୁ ଆତ୍ମହତ୍ୟା ପାଇଁ ବାଧ କରିବା ପଛରେ ବି ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ଥିବା ସେ କହିଛନ୍ତି । ରାଜ୍ୟ ବିଜେପି ବିଜେପୁର ଉପନିର୍ବାଚନକୁ ଗମ୍ଭୀରତାର ସହ ନେଇଛି । ସେ କହିଛନ୍ତି ବିଜେପୁରବାସୀ ନବୀନ ସରକାରଙ୍କ ଭ୍ରଷ୍ଟାଚାର ବିରୁଦ୍ଧରେ ଏକାଠି ହେଇ ବିଜେପିକୁ ବିଜୟୀ କରିବେ ▶୩ ପୃଷ୍ଠାରେ

## ଅବହେଳା ଯୋଗୁଁ ଓଡିଶା ହରାଇଲା ୫୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ

ଭୁବନେଶ୍ୱର, ୨୮/୧ (ଶ୍ରୁମି) : ଗତବର୍ଷ ଜୁନ୍‌ରେ ବଲାଙ୍ଗୀର ଗସ୍ତରେ ଆସିଥିବା କେନ୍ଦ୍ରୀୟ ପର୍ଯ୍ୟଟନ ମନ୍ତ୍ରୀ ମହେଶ ଶର୍ମା କହିଥିଲେ ଯେ, ବରଗଡ଼ର ନରସିଂହ ମନ୍ଦିର, ହରିଶଙ୍କର, ରାଣୀପୁର ଓ ଝରିଆଲ୍ ଏବଂ ନୂଆପଡ଼ାର ପାଟରା ଡ୍ୟାମ୍‌ରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରି ଦିଅନ୍ତୁ । ଏଥିପାଇଁ ସେ ନିଜ ଆଡୁ ୫୦ କୋଟି ଟଙ୍କାର ଅନୁଦାନ ଦିଆଯିବ ବୋଲି ଘୋଷଣା କରିଥିଲେ । ୟୁନେସ୍କୋ ଐତିହ୍ୟସ୍ଥଳୀ ଅନ୍ତର୍ଗତ ଏହି ଅନୁଦାନ ମିଳିଥାନ୍ତା । ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ରାଜ୍ୟ ସରକାର ରିପୋର୍ଟ ଦାଖଲ କରି ନପାରିବାରୁ ଏହି ଅନୁଦାନ ମିଳିବାର ରାସ୍ତା ବନ୍ଦ ହୋଇଯାଇଛି ।



## ଫରେନସିକ ଲ୍ୟାବର ପୁଣି ସ୍ପଷ୍ଟୀ କରଣ

### ନିର୍ଦ୍ଦେଶକଙ୍କ ଅନୁମୋଦନ ପରେ ଚୂଡାନ୍ତ ଡ୍ରାଫ୍ଟ ରିପୋର୍ଟ କୋର୍ଟରେ ଦାଖଲ ହୋଇଥିଲା

ଭୁବନେଶ୍ୱର , ୨୭/୧ (ଏଜେନ୍ସି) : ଭୁବନେଶ୍ୱର ରସୁଲଗଡ ସ୍ଥିତ ଫରେନସିକ ଲ୍ୟାବ ପକ୍ଷରୁ ରବିବାର ସ୍ପଷ୍ଟୀକରଣ ଦିଆଯାଇଛି । ଏଥିରେ କୁହାଯାଇଛି ଯେ, କୁନ୍ଦୁଲି ପୀଡିତାଙ୍କ ଅନ୍ତଃବସ୍ତ୍ରର ୪ ସ୍ତରୀୟ ପରୀକ୍ଷା କରାଯାଇଥିଲା । ଡିଏନଏ ଓ ସେରେବ୍ରିକ ପରୀକ୍ଷା ପରେ ଚୂଡାନ୍ତ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ ହୋଇଥିଲା । ନିର୍ଦ୍ଦେଶକଙ୍କ ମଞ୍ଜୁରୀ ପରେ ଏହି ଚୂଡାନ୍ତ ଡ୍ରାଫ୍ଟ ରିପୋର୍ଟ କୋର୍ଟରେ ଉପସ୍ଥାପନ କରାଯାଇଥିଲା । ପ୍ରକାଶ ଥାଉକି ଶନିବାର ଲ୍ୟାବ ନିର୍ଦ୍ଦେଶକ ଶ୍ରୀ ମଣ୍ଡଳ ସୂଚନା ଦେଇ କହିଥିଲେ ଯେ, ଗତ ୨୫ ତାରିଖରେ କେତେକ ଗଣମାଧ୍ୟମରେ ପ୍ରକାଶିତ କୁନ୍ଦୁଲି ଗଣ ଦୁଷ୍କର୍ମ ଘଟଣା ସମ୍ପର୍କରେ ପ୍ରକାଶିତ ରିପୋର୍ଟରେ ପୀଡିତାଙ୍କ ଅନ୍ତଃବସ୍ତ୍ରରେ ୨ଜଣ ପୁରୁଷଙ୍କ ଶୁକ୍ର ନମୂନା ମିଳିଥିବା କଥା ଦର୍ଶାଯାଇଥିଲା ତାହା ପ୍ରାଥମିକ ରିପୋର୍ଟ ଥିଲା । ଚୂଡାନ୍ତ ରିପୋର୍ଟ ଯାହା କୋର୍ଟରେ ଦାଖଲ କରାଯାଇଥିଲା ସେଥିରେ ଦୁଷ୍କର୍ମର ପ୍ରମାଣ ନଥିବା ଉଲ୍ଲେଖ ଥିଲା ।

# ସମାଜର କଲ୍ୟାଣ ପାଇଁ ନାରୀ ସମର୍ପିତ : ମୋଦି

ଆଗ୍ରା, ୨୮/୧ (ଏଜେନ୍ସି) : ଅବଳା ଦୁର୍ବଳା ନୁହେଁ। ଆକାଶରୁ ପାତାଳ ପର୍ଯ୍ୟନ୍ତ ସବୁଠି ତା'ର ଜୟ ଜୟକାର। ପୁରୁଷଙ୍କ ଭଳି ଏବେ ସେମାନେ ସବୁକ୍ଷେତ୍ରରେ ସମକକ୍ଷ। ପାହାଡ଼ ଚଢାଠୁ ଆରମ୍ଭକରି ମହାକାଶ ଯାତ୍ରା କ୍ଷେତ୍ରରେ ମହିଳାଙ୍କ ପାରଦର୍ଶିତା ପୁରୁଷଙ୍କଠୁ କୌଣସି ଗୁଣରେ କମ୍ ନୁହେଁ। ଏଭଳି ଦର୍ଶାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଚଳିତ ବର୍ଷର ପ୍ରଥମ ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ମୋଦି ଦର୍ଶାଇଛନ୍ତି ଯେ, ସମାଜର କଲ୍ୟାଣ ପାଇଁ ନାରୀ ସମର୍ପିତ । ଜଣେ ମହିଳା କେବଳ ନିଜର ପରିବାର ପାଇଁ ନୁହେଁ ସମାଜ ଓ ସମଗ୍ର ରାଷ୍ଟ୍ର ପାଇଁ ମଙ୍ଗଳଦାୟକ । ତାଙ୍କ ୪୦ତମ ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ମୋଦି ଦର୍ଶାଇଛନ୍ତି ଯେ, କେରଳର ଲକ୍ଷ୍ମୀକୁଟ୍ଟୀ ହୁଅନ୍ତୁ ବା କଳ୍ପନା ଚାୱଲା ସମସ୍ତେ ମହିୟସୀ ମହିଳା । ମହିଳାମାନେ ଏବେ ସମାଜର ପ୍ରତିଟି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଛତିଶଗଡ଼ର ମାଓପ୍ରବଣ ଦାନ୍ତେୱାଡା ଜିଲ୍ଲାରେ ଜଣେ ମହିଳା ପ୍ରଦୂଷଣରହିତ




ବ୍ୟାଟେରୀ ଚାଳିତ ଅଟୋରିକ୍ସା ଚଳାଇ ଜୀବିକା ନିର୍ବାହ କରୁଥିବା ଦର୍ଶାଇ ମୋଦି କହିଛନ୍ତି ଯେ, ମହିଳାମାନେ ଏବେ ସ୍ୱାବଲମ୍ବୀ ହେଉଛନ୍ତି । ସେମାନେ କୌଣସି କର୍ମକ୍ଷେତ୍ରରେ ପଛରେ ନଥିବା ସାବ୍ୟସ୍ତ କରୁଛନ୍ତି । ମହାରାଷ୍ଟ୍ରର ମାଟୁଙ୍ଗା ରେଳଷ୍ଟେସନ ସମ୍ପର୍କରେ ଉଲ୍ଲେଖ କରି ମୋଦି କହିଛନ୍ତି ଯେ, ଏହି ଷ୍ଟେସନରେ ସମସ୍ତ କର୍ମଚାରୀ ଓ ଅଧିକାରୀ ମହିଳା । ଭାରତୀୟ ମହିଳାମାନେ ଏବେ ଯୁଦ୍ଧବିମାନ ଚଳାଇବା ପାଇଁ ନିଜକୁ ସମର୍ଥ କରୁଛନ୍ତି । ଭାବନା କାନ୍ତ, ମୋହନା ସିଂ ଓ ଅବନ୍ତୀ ଚତୁର୍ବେଦୀ ସୁଖୋଇ-୩୦ ଯୁଦ୍ଧବିମାନ ଚଳାଇବା ପାଇଁ ପ୍ରଶିକ୍ଷଣ ନେଉଥିବା ଦର୍ଶାଇ ସେ କହିଛନ୍ତି ଯେ, ଆସନ୍ତା ପହିଲାରେ କଳ୍ପନା ଚାୱଲାଙ୍କ ପୁଣ୍ୟତିଥି । ସବୁ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ କଳ୍ପନା ଚାୱଲା ହୁଅନ୍ତୁ କିମ୍ବା ତାଳପତ୍ର କୁଡ଼ିଆରେ ରହି ୫ଶହରୁ ଅଧିକ ଜଡ଼ିବୁଟି ଔଷଧ ତିଆରି କରି ଲୋକଙ୍କ ସେବା କରୁଥିବା କେରଳର ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ କୁଟ୍ଟୀ ହୁଅନ୍ତୁ ଏହି ମହିଳାମାନେ ସମାଜର ନମସ୍ୟ । ଜଣେ ମହିଳା ସହନଶୀଳତା, ଧୈର୍ଯ୍ୟ, ଭଦ୍ର ଆଚରଣ, ଶିଷ୍ଟାଚାର ଓ ନୈତିକତା ବଳରେ ସମାଜକୁ ପରିବର୍ତ୍ତନ କରିଦେଇପାରେ । ତେଣୁ ଶିଶୁକନ୍ୟା ଓ ମହିଳାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ମୋଦି କହିଛନ୍ତି ଯେ, ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ । ମହିଳାମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମଧ୍ୟ ମିଳିବା ଉଚିତ । ଏହି ଅବସରରେ ସେ ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିମାନଙ୍କ ଉପଲବ୍ଧି ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

## ଶିଖରଚଣ୍ଡୀରେ ଜନତାଙ୍କ ସହ 'ମନ କୀ ବାତ' ଶୁଣିଲେ ଧର୍ମେନ୍ଦ୍ର ପ୍ରଧାନ

### ଓଡିଶାର ୫୦ ହଜାର ଗାଁରେ ବିଜେପି ଆୟୋଜନ କରିବ ମନ କୀ ବାତ



ଭୁବନେଶ୍ୱର, ୨୮/୧ (ଶ୍ରୁମି) ରାଜଧାନୀ ପଟିଆ ଅଞ୍ଚଳର ଶିଖରଚଣ୍ଡୀ ନଗରରେ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମକୁ ଶୁଣିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମନ କୀ ବାତ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ▶୩ ପୃଷ୍ଠାରେ

## ପ୍ରଥମ ପୃଷ୍ଠାରୁ...

## କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ଧର୍ମେନ୍ଦ୍ରଙ୍କ ବକ୍ତବ୍ୟ ...

ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ କ'ଣ ଏଇଆ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି । କୁନ୍ଦୁଲି ଘଟଣାଠାରୁ ବଡ କଳାଦିନ ଓଡିଶାରେ କିଛି ହୋଇ ନ ପାରେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କୁନ୍ଦୁଲୀ ଝିଅ ପୋଲିସ ପୋଷାକଧାରୀଙ୍କ ଦ୍ୱାରା ଦୁଷ୍କର୍ମର ଶୀକାର ହେବାର କିଛି ଘଂଟା ପରେ ଖୋଦ ଡିଜି ଘଟଣାକୁ ଘୋଡାଇବାକୁ ଆରମ୍ଭ କଲେ । ଶାସକ ଦଳ ତରଫରୁ ବିଶେଷ କରି ଡିଜିଙ୍କ ପକ୍ଷରୁ ବାରମ୍ବାର କୁହାଗଲା ଏପରି ଘଟଣା ହୋଇ ନାହିଁ । ସଂପୃକ୍ତ ପୀଡିତା ଚାରି ମାସ ଧରି ମାନସିକ ଯନ୍ତ୍ରଣା ଭୋଗିବା ପରେ ଶେଷରେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଘରୋଇ ସଂସ୍ଥା ମାନଙ୍କ ଠାରୁ ସାର୍ଟିଫିକେଟ ଆଣି ନିଜ ପିଠି ଥାପଡାଉଛନ୍ତି । ପୀଡିତା ନିଜେ ଡିଜି ଲାଞ୍ଚ ଜାଚିଥିଲେ ବୋଲି ସ୍ୱୟଂ ଅଭିଯୋଗ ଆଣିଥିଲେ । ଏବେ କିଛି ଶାସକ ଦଳର ବନ୍ଧୁ ମାନେ ଜୁଡିସିଆଲ କମିଶନ ବସାଇଛୁ ବୋଲି ବିତଣ୍ଡା ଯୁକ୍ତି କରୁଛନ୍ତି । ଏଠାରେ ଅଭିଯୋଗ ମୁଖ୍ୟମନ୍ତ୍ରୀ, ପୋଲିସ ମହା ନିର୍ଦ୍ଦେଶକ, ଏଚଆରପିସି, ଡିଆଇଜି ଓ କୋରାପୁଟ ଏସପିଙ୍କ ବିରୁଦ୍ଧରେ ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାନ ଦୁଷ୍କର୍ମ ମାମଲାରେ ହରିଆଣା ସରକାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ସରକାରଙ୍କର ନୈତିକତା ଓ ସତସାହସ ଥିଲେ ସିବିଆଇ ତଦନ୍ତ କରାନ୍ତୁ ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି ।

## ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରିବ ବିଜେପି...

ବୋଲି ନିଷ୍ପତ୍ତି ନେଇସାରିଛନ୍ତି । ବିଜେପୁର ନିର୍ବାଚନରୁ ବିଜେପି ବିଜୟର ବିଗୁଲ ବଜାଇବା ସହ ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟବାସୀ ବିଜେଡିକୁ ଧରାଶାୟୀ କରି ବିଜେପିକୁ ବହୁମତ ଦେବେ ବୋଲି ଶ୍ରୀ ଷଡଙ୍ଗୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂହ, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ମନମୋହନ ସାମଲ, ପ୍ରତାପ ଷଡଙ୍ଗୀ, ରାଜ୍ୟ ଉପ ସଭାପତି ସମୀର ମହାନ୍ତି, ସାଧାରଣ ସଂପାଦକ (ସଂଗଠନ) ଶାରଦା ପ୍ରସାଦ ଶତପଥୀ, ସହ ସାଧାରଣ ସଂପାଦକ (ସଂଗଠନ) ଅମିତାଭ ଚକ୍ରବର୍ତ୍ତୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

ତଥ୍ୟାଭିଜ୍ଞ ସୂତ୍ରରୁ ପ୍ରକାଶ ଯେ, ବିଜେପି ମୋଟାମୋଟି ଭାବେ ପୂର୍ବତନ ବିଧାୟକ ଶ୍ରୀ ଅଶୋକ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିବାକୁ ମନସ୍ଥ କରିଛି । କିଛି ମାସ ତଳେ ସେ ବିଜେଡିରୁ ଆସି ବିଜେପିରେ ଯୋଗ ଦେଇଥିଲେ ।

## ଶିଖରଚଣ୍ଡୀରେ ଜନତାଙ୍କ ସହ 'ମନ କୀ ବାତ' ଶୁଣିଲେ

ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଦେଶକୁ ସକାରାତ୍ମକ ମନୋବୃତ୍ତି ତିଆରି କରିବାକୁ ନେତୃତ୍ୱ ନେଇଛନ୍ତି । ଜନ ସାଧାରଣ ତାଙ୍କୁ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି । ଆଜିର ମନ କୀ ବାତ କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ଲୋକ ମାନଙ୍କର ପଦ୍ମ ସମ୍ମାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଓଡିଶାର ୫ ଜଣଙ୍କୁ ଏଥର ପଦ୍ମ ସମ୍ମାନ ପାଇଁ ଚୟନ କରାଯାଇଛି । ଏଥି ପାଇଁ ସେ ଓଡିଶା ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ସରକାରରେ ସାଧାରଣ ଲୋକ ମାନଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଉଛି । ଏଥର ଓଡିଶାରୁ ଚୟନ କରାଯାଇଥିବା ଜଣେ ଦୁଇ ଜଣଙ୍କୁ ଲୋକ ମାନେ ଜାଣି ନ ଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶକୁ ଆଗକୁ ନେବାକୁ ହେଲେ ସେମାନଙ୍କୁ ଏକ ସୂତ୍ରରେ ବାନ୍ଧିବାକୁ ପଡିବ । ଭାରତୀୟ ଜନତା ପାର୍ଟି ପକ୍ଷରୁ ୩୬ ହଜାର ବୁଥରେ ଓ ଆଗାମୀ ଦିନରେ ରାଜ୍ୟର ୫୦ ହଜାର ଗାଁରେ ଏକାଠି ମିଶି ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିବାର ଅଭିଯାନ ଆରମ୍ଭ କରାଯିବ ବୋଲି କହିଛନ୍ତି । ସ୍ଥାନୀୟ ଯୁବକ ମାନେ ତାଙ୍କୁ ଶିଖରଚଣ୍ଡୀ ନଗର ଠାରେ ଡାକି ଥିବାରୁ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଡିଜିପିଙ୍କ ଅର୍ଡରକୁ ବେଖାତିର !!

କଟକ, ୨୮/୧ (ଶ୍ରୁମି) : ବିଭିନ୍ନ ଜିଲ୍ଲା ଓ ପୋଲିସ ସଂସ୍ଥା ରେ କାର୍ଯ୍ୟରତ ଥିବା ତଥା ବଦଳି ହୋଇଥିବା ଏବଂ ପୁରୁଣା ଜାଗା ଛାଡି ନ ଥିବା ଓ ନୂତନ ଜାଗା ରେ ଯୋଗ ଦେଇ ନ ଥିବା ପୋଲିସ ଅଫିସରମାନଙ୍କୁ ଗତ ୨୦ ତାରିଖ ସୁଦ୍ଧା ତୁରନ୍ତ ରିଲିଭ କରିବାକୁ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ କଡା ତାଗିଦ କରାଯାଇଥିଲେ ହେଁ ଏଯାବତ କେତେଜଣ ପୋଲିସ ଅଫିସରଙ୍କୁ ସେମାନଙ୍କ ଏସପିମାନେ ରିଲିଭ ନ କରି ସିଧାସଳଖ ଡିଜିପି ଙ୍କ ଅର୍ଡରକୁ ବେଖାତିର କରିଛନ୍ତି । ସେମାନେ ୨୦ ତାରିଖ ସୁଦ୍ଧା ନୂତନ ଜାଗା ରେ ଯୋଗ ନ ଦେଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ର ସମ୍ମୁଖୀନ ହେବେ ବୋଲି ଡିଜିପି ପକ୍ଷରୁ ଚରମବାଣୀ ଶୁଣାଇ ଦିଆଯାଇଥିଲା । ଉଦାହରଣତଃ କଟକ କମିଶନରେଟ ରୁ ଇନିସପେକ୍ଟର ମାନସ କୁମାର ବାରିକ କେଉଁଝରକୁ, ତାପସ କୁମାର ପ୍ରଧାନ ଜଗତସିଂହପୁରକୁ, ରାଉରକେଲା ରୁ ଅଲେଖ ଗରଡିଆ କନ୍ଧମାଳକୁ ବଦଳି ହେବାର ମାସମାସ ବିତିଯାଇଥିଲେ ହେଁ ସେମାନଙ୍କୁ ଏଯାବତ ରିଲିଭ କରାଯାଇ ନାହିଁ ।

ସୂଚନାଯୋଗ୍ୟ ଯେ ବଦଳି ହେବାର ମାସ ମାସ ବିତିଯିବା ପରେ ମଧ୍ୟ କେତେଜଣ ପୋଲିସ ଅଫିସର ଏଯାବତ ଅତି ଖାମଖିଆଲିଭାବେ ପୁରୁଣା ଜାଗା ଛାଡି ନାହାନ୍ତି କିମ୍ବା ନୂତନ ଜାଗା ରେ ଯୋଗ ଦେଇ ନାହାନ୍ତି । ପ୍ରାୟତଃ ପୋଲିସ ଅଫିସରମାନଙ୍କୁ ସେମାନଙ୍କ ଏସପିମାନେ ରିଲିଭ କରୁ ନାହାନ୍ତି । ଏପରିସ୍ଥଳେ ସେହି ସବୁ ସମ୍ପୃକ୍ତ ପୋଲିସ ଅଫିସର ଅଥବା ସମ୍ପୃକ୍ତ ଏସପିମାନଙ୍କ ବିରୋଧରେ ଡିଜିପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ବୁଝି ହେଉ ନାହିଁ । ଅପରପକ୍ଷରେ ଡିଜିପି ଙ୍କ କଡାକଡି ଅର୍ଡରକୁ ଯଦି ଏସପିମାନେ ବେଖାତିର କରିବାର ସାହସ କରୁଛନ୍ତି ତେବେ ସେମାନଙ୍କ ଅର୍ଡରକୁ ଅଧସ୍ତନ କର୍ମଚାରୀମାନେ କେମିତି ସମ୍ମାନ ଦେଉଥିବା ତାହା ସହଜେ ଅନୁମେୟ ।

## ଏଆଇଡିଏସ୍ଓ ପକ୍ଷରୁ ସାଧାରଣ ସଭା

କଟକ, ୨୮/୧ (ଶ୍ରୁମି) : ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସାଧାରଣ ସଭାରେ ଏ.ଆଇ ଡି.ଏସ୍.ଓର କଟକ ଜିଲ୍ଲା ସଭାପତି ଭାଗ୍ୟରବି ଦାସ ସଭାପତିତ୍ୱ କରିଥଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳ ସଚିବ ଡକ୍ଟର ସଚ୍ଚିନ୍ଦ୍ର ରାଉଳ ସମ୍ମାନିତ ଅତିଥି, ଏସ୍.ୟୁ.ସି.ଆଇ(ସି) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ମୁଖ୍ୟବକ୍ତା ଏବଂ ଏ.ଆଇ ଡି.ଏସ୍.ଓର ଓଡିଶା ରାଜ୍ୟ ଉପସଭାପତି ବବି ବଳବନ୍ତରାୟ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଉପ-ସଭାପତି ତରୁଣସେନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ବିନୋଦ ସେଠୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ସଭାରେ ପୂର୍ବରୁ ଏ.ଆଇ.ଡିଏସ୍.ଓ ଉଦ୍ୟୋଗରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ସାଧାରଣ ଜ୍ଞାନ ପରୀକ୍ଷା, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ଦେଶାତ୍ମବୋଧକ ସଂଗୀତ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଇଶା ଧର, କ୍ଷିତିଜା ଥୁ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ରୋନାଲି ନାୟକ, ସଚିରନ ବେହେରା, ଜ୍ୟୋସ୍ନାରାଣୀ ଦାସ, ସରୋଜ ମାନସିଂହ, ସିଦ୍ଧେଶ୍ୱର ଜେଠୀ, ଆରତୀ ମେହେର, ରାଜେଶ ରାଉତ, ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ଏହି ସଭା କର୍ଯ୍ୟକୁ ପରିଚାଳନା କରିଥିଲେ ।

ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ-ବ୍ୟବସାୟୀକରଣ, ବେକାରୀ, ବିଭିନ୍ନ ବିଭାଗରେ ପଦବୀ ଉଚ୍ଛେଦ ଓ ସ୍ଥାୟୀ ନିଯୁକ୍ତି ବନ୍ଦ, ଦରଦାମ ବୃଦ୍ଧି, ଚାଷୀ ଆତ୍ମହତ୍ୟା ଓ ଶ୍ରମିକ ଛଟେଇ ଆଜି ମଣିଷର ନିଦ ହଜାଇ ଦେଇଛି । ମଦ-ମାଦକ ଦ୍ରବ୍ୟ ଓ ଅଶ୍ଳୀଳତା-ନଗ୍ନତାର ପ୍ରସାର ଫଳରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ପାଶବିକ ନିର୍ଯ୍ୟାତନା ବୃଦ୍ଧି ପାଉଛି । ସାମାଜିକ ସମସ୍ୟା ବିରୁଦ୍ଧରେ ପ୍ରତିବାଦକୁ ସମୂଳେ ଧ୍ୱଂସ କରିବା ପାଇଁ ଜାତି ଓ ଧର୍ମ ନାଁରେ ଜନସାଧାରଣଙ୍କୁ ଭାଗ ଭାଗ କରାଯାଉଥିବାରୁ ବକ୍ତାମାନେ ଉଦବେଗ ପ୍ରକାଶ କରିଥିଲେ ।

## ୨୯ରୁ ମିଳିମିଳା ଓ ରୁବେଲା ନିୟନ୍ତ୍ରଣ ପାଇଁ ଟୀକାକରଣ

କଟକ, ୨୮/୧ (ଶ୍ରୁମି) : ମିଳିମିଳା ଏବଂ ଜର୍ମାନ୍ ମିଳିମିଳା (ରୁବେଲା) ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ଏହା ପିଲାମାନଙ୍କର ଅକର୍ମଣ୍ୟତା ବା ମୃତ୍ୟୁର ମୁଖ୍ୟ କାରଣ ହୋଇପାରେ । ସଂକ୍ରମିତ ବ୍ୟକ୍ତିଙ୍କ କାଶିବା ବା ଛିଙ୍କିବା ଦ୍ୱାରା ଏହା ବ୍ୟାପିଥାଏ । ଗୋଟିଏ ଟୀକା ଦ୍ୱାରା ଉଭୟ ପ୍ରକାର ମିଳିମିଳା ରୋଗକୁ ପ୍ରତିହତ କରାଯାଇପାରେ । ପୂର୍ବରୁ ମିଳିମିଳା ଓ ଜର୍ମାନ ମିଳିମିଳା ପାଇଁ ଟୀକା ନେଇଥିଲେ ମଧ୍ୟ ଅଭିଯାନ ସମୟରେ ଏହି ଟୀକାକୁ ୯ ମାସ ବୟସରୁ ୧୫ ବର୍ଷ ପର୍ଯ୍ୟନ୍ତ ପିଲାମାନେ ପୁନର୍ବାର ନେବା ଜରୁରୀ । ଜାନୁଆରୀ ୨୯ ତାରିଖରୁ ଏହି ଅଭିଯାନ କଟକ ଜିଲ୍ଲାରେ ୫ ସପ୍ତାହ ପର୍ଯ୍ୟନ୍ତ ଚାଲିବ । ୨୦୧୭ ମସିହାରେ ସମଗ୍ର ଦେଶରେ ୮୨୨୪ ଜଣ ବ୍ୟକ୍ତି ମିଳିମିଳାରେ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟରେ ମାତ୍ର ୯୬ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ସେହିପରି ରୁବେଲାରେ ସାରା ଭାରତରେ ୨୫୨୨ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଓଡିସାରେ ମାତ୍ର ୧୧୩ ଜଣ ଚିହ୍ନଟ ହୋଇଥିଲେ । ଏହି ଅଭିଯାନରେ ୬ ଲକ୍ଷ ୪୮ ହଜାର ୮୩୨ ଜଣ ପିଲାଙ୍କୁ ଟୀକା ଦେବା ପାଇଁ ଧାର୍ଯ୍ୟ କରାଯାଇ ତଦନୁଯାୟୀ ପ୍ରସ୍ତୁତି କରାଯାଇଛି । କିନ୍ତୁ ଏହି ଅଭିଯାନରେ ଶତ ପ୍ରତିଶତ ଟୀକା କରଣ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଭବନଠାରେ ଆୟୋଜିତ ସମ୍ବାଦଦାତା ସମ୍ମିଳନୀରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱକଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ( ପରିବାର କଲ୍ୟାଣ) ତଥା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡା. ବଟକୃଷ୍ଣ ମହଲା , ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ବେଲାନ୍ସ ମେଡିକାଲ ଅଫିସର ଡା ଦୀପକ କୁମାର କର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମୀନକେତନ ବେହେରା, ଡେପୁଟୀ ମ୍ୟାନେଜର, ରିପ୍ରଡକ୍ଟିଭ୍ ଚାଇଲଡ୍ ହେଲ୍ଥ୍ ଶ୍ରୀମତୀ ସୁଧାରାଣୀ ପଣ୍ଡା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅଂଜଳି ପ୍ରଭା ରାୟ ପ୍ରମୁଖ ଗତ ୧୯ ତାରିଖରେ ପ୍ରକାଶ କରିଥିଲେ । ଏଥିପାଇଁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ୨୨ଟି ବିଭାଗକୁ ନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି । ଏହି ଟୀକାକରଣ ଅଭିଯାନ ଗୁଡିକୁ ଶତ ପ୍ରତିଶତ ସଫଳ କରିବା ପାଇଁ କାର୍ଯ୍ୟକ୍ରମର ପ୍ରମୁଖ ଅଂଶୀଦାର ବିଭାଗ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ନଗର ଉନ୍ନୟନ, ପଂଚାୟତିରାଜ, ଭାରତୀୟ ଶିଶୁରୋଗ ବିଶେଷଜ୍ଞ ସଂଘ, ଭାରତୀୟ ମେଡିକାଲ ସଂଘ ଓ ଲାୟନ୍ସ ଆନ୍ତର୍ଜାତୀୟ ସଂସ୍ଥାକୁ ସାମିଲ କରାଯାଇଛି ।

## ୧୧ କେଭି ତାର ଛିଣ୍ଡି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ

କଟକ, ୨୮/୧ (ଶ୍ରୁମି) : ବିଦ୍ୟୁତ ବିଭାଗର ଦାୟିତ୍ୱହୀନ କାର୍ଯ୍ୟ ଯୋଗୁ ଆଜି ୫ଟି ପରିବାରର ଲକ୍ଷ ଲକ୍ଷ ଟଙ୍କାର ସଂପତ୍ତି ଭସ୍ମିଭୂତ ହୋଇଯାଇଛି । ଘଟଣାରୁ ଜଣାଯାଇଛି, ଜଗତପୁର ଥାନା ଅନ୍ତର୍ଗତ ନୂଆସାହି ଗ୍ରାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଗୋଟିଏ ଖୁଂଟରେ ୧୧ କେଭି ଲାଇନ ଯାଇଥିବା ବେଳେ ସେହି ଖୁଂଟ ତଳେ ଘରଗୁଡିକୁ ଯାଇଥିବା ଲାଇନ ତାର ଯାଇଛି । ତେବେ ୧୧ କେଭି ଲାଇନର ତାର ଛିଡିଯାଇ ଘରକୁ ସଂଯୋଗ କରୁଥିବା ତାର ଉପରେ ପଡିଯିବାରୁ ଗ୍ରାମର ପରିକ୍ଷୀତ ଲେଙ୍କା, କଳ୍ପନା ଜେନା, ଦୀନବନ୍ଧୁ ନାୟକ, ଅରୂପ ଦାସ ଓ ପୁଷ୍ପକ ଦାସଙ୍କ ଘରକୁ ସଂଯୋଗ କରୁଥିବା ତାର ହଠାତ୍ ଜଳିଉଠିଥିଲା । ପରିବାର ଲୋକ କିଛି ବୁଝିବା ପୂର୍ବରୁ ଘରେ ଥିବା ଫ୍ରୀଜ୍, ୱାସିଙ୍ଗ ମେସିନ, ଟିଭି ଓ ଫ୍ୟାନଗୁଡିକ ହଠାତ୍ ଜଳିଯାଇଥିଲା । ପ୍ରାଣବିକଳରେ ସେମାନେ ଘରୁ ପଦାକୁ ବାହାରି ଆସିଥିଲେ । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଟାଙ୍ଗି-ଚୌଦ୍ୱାରରୁ ଗୋଟିଏ ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲା ।

ଏ ସଂପର୍କରେ ବିଦ୍ୟୁତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ । ୧୧ କେଭି ଲାଇନକୁ ଗ୍ରାମଠାରୁ ଦୂରକୁ ଘୁଚାଂଇବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ସିଡିଏ ସେକ୍ଟର ୭ ଆବାସିକ ସଂଘ କର୍ମକର୍ତ୍ତା ମନୋନୀତ

କଟକ, ୨୮/୧ (ଶ୍ରୁମି) : ସିଡିଏ ସେକ୍ଟର ଆବାସିକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ରବୀନ୍ଦ୍ରନାଥ ତ୍ରିପାଠୀ ନିର୍ବାଚିତ ହୋଇଥିଲା ବେଳେ ଉପସଭାପତି ଭାବେ ବିଜୟ କାନୁନଗୋ, ପ୍ରଫୁଲ୍ଲ କୁମାର ଲେଙ୍କା, ଅନନ୍ତ କିଶୋର ବାରିକ, ଶୁକଦେବ ବେହେରା ନିର୍ବାଚିତ ହୋଇଥିଲେ । ସଂପାଦକ ଭାବେ ବିଚିତ୍ରାନନ୍ଦ ପ୍ରଧାନ, ଯୁଗ୍ମ ସଂପାଦକ ଭାବେ ସୌମ୍ୟରଂଜନ ମହାନ୍ତି ଓ ବିଭୁତିଭୂଷଣ ମହାପାତ୍ର, ସହ ସଂପାଦକ ଭାବେ ଅକ୍ଷୟ କୁମାର ମହାନ୍ତି, ସାଂଗଠନିକ ସଂପାଦକ ପ୍ରତାପ କୁମାର ଜେନା ଓ ଶରତ କୁମାର ସାମଲ, ସାଂସ୍କୃତିକ ଓ ପାଠାଗାର ସଂପାଦକ ଡ.ସମୀର ରଂଜନ, ସହ ସାଂସ୍କୃତିକ ସଂପାଦକ ଜୀବନାନନ୍ଦ ବିଶ୍ୱାଳ ଓ ଜିତେନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ସୀମାଂଚଳ ପଣ୍ଡା ଓ ସାଧୁଚରଣ ରାଉତ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି ।

## 'ରାଷ୍ଟ୍ରଦୀପ'ର ବସନ୍ତ ମିଳନ ରଜତ ଜୟନ୍ତୀ ଉତ୍ସବ

କଟକ, ୨୮/୧ (ଶ୍ରୁମି) : ରାଷ୍ଟ୍ରଦୀପର ବସନ୍ତ ମିଳନ ରଜତ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଶତାବ୍ଦୀ ଭବନରେ ରାଷ୍ଟ୍ରଦୀପ ପ୍ରକାଶନର ସଭାପତି ତଥା ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ନରସୁନ୍ଦର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଟିଟିଲାଗଡ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନୂଆଦିଲ୍ଲୀ ଅର୍ଗାନାଇଜରର ସଂପାଦକ ପ୍ରଫୁଲ୍ଲ କେତକର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଅପରାହ୍ଣରେ ରାଷ୍ଟ୍ରବାଦୀ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସାଧାରଣତନ୍ତ୍ର ଦିବସରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଅନିଲ ଧିର ଓ ସାହିତ୍ୟ ସାଧନା ପାଇଁ ଶାନ୍ତନୁ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଷ୍ଟ୍ରଦୀପ ସଂପାଦକ ଶିବନାରାୟଣ ସିଂହ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ରାଷ୍ଟ୍ରଦୀପ ପ୍ରକାଶନ ସଂପାଦକ ଦିଲ୍ଲିପ କୁମାର ମହାନ୍ତି, ସହ ସଂପାଦିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସହ ସମ୍ପାଦକ ବିପିନ ବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

କଟକ, ୨୮/୧ (ଶ୍ରୁମି) : ଜଗତପୁରସ୍ଥିତ ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ମାରୁତିଶ୍ରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କବି ଅକ୍ଷୟ କୁମାର ବଳ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ କବି ସନ୍ତୋଷ ମହାପାତ୍ର, କବି ଆଦିତ୍ୟ ରଂଜନ ଦାସ ପ୍ରମୁଖ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ସଂସଦର ସଂପାଦକ କବି ମନୋରଂଜନ ପଣ୍ଡା ସଂଯୋଜନା କରିଥିଲା ବେଳେ କବି ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁନାଦୂବ ପକ୍ଷରୁ ପ୍ରଜ୍ଞା ଅନ୍ୱେଷଣ

କଟକ, ୨୮/୧ (ଶ୍ରୁମି) :ସାମାଜିକ ଅନୁଷ୍ଠାନ ସୁନାଦୂବ ଆନୁକୁଲ୍ୟରେ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା 'ପ୍ରଜ୍ଞା ଅନ୍ୱେଷଣ ଅଭିଯାନ' ସ୍ଥାନୀୟ ମଙ୍ଗଳାବାଗ, ମହ୍ଲାସାହିସ୍ଥିତ ବୀଣାପାଣି ଶିଶୁ ମନ୍ଦିର ଏବଂ ସେକ୍ଟର-୯ ସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ତତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଉତ୍କଳ ସମ୍ମିଳନୀର ସଭାପତି ଡାକ୍ତର ରବି ରଜଂନ ସାହୁ ଉଦ୍‌ଘାଟନ କରି ପ୍ରତିଯୋଗୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ପ୍ରତିଯୋଗୀତାରେ ନର୍ସରୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କଟକ ସହରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଯଥା- ଚିତ୍ରାଙ୍କନ, ହସ୍ତାକ୍ଷର, ରାଇମ୍ସ୍ , ଗଳ୍ପକଥନ, ଫ୍ୟାନ୍ସିଡ୍ରେସ୍, ଗଣିତ ଓ ସାଧାରଣଜ୍ଞାନ ପ୍ରଭୃତିରେ ଭାଗ ନେଇଥିଲେ । ଉକ୍ତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ତା.୭.୨.୨୦୧୮ ରିଖରେ ଗାନ୍ଧୀଭବନଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠାଦିବସରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି ।

## ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ଏକତାର ବାର୍ତ୍ତା ଦେଇଥାଏ : ପ୍ରଧାନମନ୍ତ୍ରୀ ମୋଦି



- କଳାଧନ ଓ ଦୁର୍ନୀତି ବିରୋଧୀ ଲଢ଼େଇ ବନ୍ଦ ହେବ ନାହିଁ
- ଯୁବପିଢ଼ି ଏବେ ଦୁର୍ନୀତିକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ନୁହଁନ୍ତି

ନୂଆଦିଲ୍ଲୀ, ୨୮/୧ (ଏଜେନ୍ସି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଏନସିସି ରାଲିରେ ଉଦ୍‌ବୋଧନ ଦେଇଛନ୍ତି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କେବଳ ପୋଷାକ କିମ୍ବା ଏକରୂପତା ନୁହେଁ ଏହା ଏକତାର ବାର୍ତ୍ତା ଦେଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ ଏଠାରେ ସମବେତ ହୋଇଥିବା ପ୍ରତ୍ୟେକ ଯୁବ ଏନସିସି କ୍ୟାଡେଟଙ୍କର ନିଜସ୍ୱ ବ୍ୟକ୍ତିତ୍ୱ ଏବଂ ପରିଚୟ ରହିଛି । କିନ୍ତୁ ସେ ଉଲ୍ଲେଖ କରିଥିଲେ ଯେ, ଆସନ୍ତା ଏକ ମାସ ମଧ୍ୟରେ ନୂଆ ବନ୍ଧୁତା ସୃଷ୍ଟି ହେବ ଏବଂ ପରସ୍ପର ଠାରୁ ଅନେକ କିଛି ଶିଖିବାର ସୁଯୋଗ ମିଳିବ । ଏନସିସି କ୍ୟାମ୍ପ ପ୍ରତ୍ୟେକ ଯୁବକଙ୍କୁ ଭାରତର ବିବିଧ ସଂସ୍କୃତି ବିଷୟରେ ଶିକ୍ଷା ଦେଇଥାଏ ବୋଲି ସେ କହିଥିଲେ । ଏହା ପ୍ରତ୍ୟେକ ଯୁବତାରକାଙ୍କୁ ଦେଶ ପାଇଁ କିଛି ଭଲ କାମ କରିବା ଲାଗି ପ୍ରେରଣା ଦେଇଥାଏ ବୋଲି ସେ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏନସିସି କ୍ୟାମ୍ପରୁ ହାସଲ ହୋଇଥିବା ଏହି ଉତ୍ସାହ ଜୀବନ ସାରା କ୍ୟାଡେଟମାନଙ୍କ ସହିତ ରହିବ । ଏନସିସି ଜରିଆରେ ଆମେ ଦଳ ଗଠନ କରିଥାଉ ଯାହା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଅଭିଯାନରେ କାର୍ଯ୍ୟ କରିଥାଏ ଏବଂ ଅନ୍ୟମାନଙ୍କୁ ଅନୁପ୍ରାଣିତ କରେ ବୋଲି ସେ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏନସିସି ୭ଟି ଗୌରବମୟ ଦଶନ୍ଧି ପୂରଣ କରିସାରିଲାଣି । ଏହା ବହୁ ଲୋକଙ୍କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ଶିଖାଇଛି । ଯାହା ଆମେ ହାସଲ କରୁଛୁ, ଆମେ ତା'କୁ ଆଜି ପାଳନ କରୁଛୁ ଏବଂ ଆଗାମୀ ଦିନରେ ଏନସିସିରେ ଅଭିଜ୍ଞତାକୁ କିପରି ଆହୁରି ପ୍ରଭାବଶାଳୀ କରାଯାଇପାରିବ ସେ ସମ୍ପର୍କରେ ଚିନ୍ତା କରୁଛୁ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଆସନ୍ତା ୫ ବର୍ଷ ମଧ୍ୟରେ ଏନସିସି ୭୫ ବର୍ଷ ପୂରଣ କରିବାକୁ ଯାଉଥିବାରୁ ଏଥିପାଇଁ କାର୍ଯ୍ୟ ଯୋଜନା ଚୂଡ଼ାନ୍ତ କରିବା ଲାଗି ସେ ସମସ୍ତ ଅଂଶୀଦାରମାନଙ୍କୁ ଆହ୍ୱାନ କରିଥିଲେ ।

ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଭାରତର ଯୁବପିଢ଼ି ଏବେ ଦୁର୍ନୀତିକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ନୁହନ୍ତି । କଳାଧନ ଏବଂ ଦୁର୍ନୀତି ବିରୋଧରେ ଲଢ଼େଇ ବନ୍ଦ ହେବ ନାହିଁ ବୋଲି ସେ ଦୃଢ଼ତାର ସହ ଦୋହରାଇଥିଲେ । ଏହି ଲଢ଼େଇ ଭାରତର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ବୋଲି ସେ ଉଲ୍ଲେଖ କରିଥିଲେ ।

ଭୀମ ଆପ ଜରିଆରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ୟମାନଙ୍କୁ ଏହି ବ୍ୟବସ୍ଥା ସହ ଯୋଡ଼ିହେବା ଲାଗି ଉତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ଏନସିସି କ୍ୟାଡେଟମାନଙ୍କୁ ଆହ୍ୱାନ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ଲୋକମାନେ ବିଶ୍ୱାସ କରୁଥିଲେ ଯେ ଧନୀ ଏବଂ କ୍ଷମତାଶାଳୀଙ୍କର କୌଣସି କ୍ଷତି ହୋଇନଥାଏ । କିନ୍ତୁ ଆଜି ପରିସ୍ଥିତି ବଦଳିଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ରହିଥିବା ଲୋକମାନେ ଆଜି ସେମାନଙ୍କ ଦୁର୍ନୀତି ପାଇଁ ଜେଲରେ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଆଧାର ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଏହା ଭାରତର ବିକାଶଧାରାକୁ ସୁଦୃଢ଼ କରିବାରେ ମହାନ ଯୋଗଦାନ ଦେଇଛି । ପୂର୍ବରୁ ଯାହା ବାଟମାରଣା ହେଉଥିଲା ତାହା ଏବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି ବୋଲି ସେ ଉଲ୍ଲେଖ କରିଥିଲେ ।

## ସାହସୀ ଓଡିଆ ପିଲା ପଙ୍କଜ ଓ ମମତାଙ୍କୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୮/୧ (ଶ୍ରୁମି) : ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସାହସିକତା ପୁରସ୍କାରରେ ସ୧ାନିତ ହୋଇଥିବା ଦୁଇ ଛୋଟ ପିଲା କେନ୍ଦୁଝରର ପଙ୍କଜ କୁମାର ମହାନ୍ତ ଓ କେନ୍ଦ୍ରାପଡାର ମମତା ଦଳାଇଙ୍କୁ ସ୧ାନିତ କରିଛନ୍ତି କେନ୍ଦ୍ର ମବୀ ଧର୍ମେନ୍ଦ୍ର ପ୍ରଧାନ । ଏହି ସାହସୀ ଦୁଇ ଓଡିଆ ପିଲା ଓଡିଶାର ସାରା ଦେଶରେ ସ୧ାନ ବଢାଇବା ସହ ରାଜ୍ୟ ଓ ଦେଶର ସବୁ ପିଲା ମାନଙ୍କ ପାଇଁ ଆଦର୍ଶ ଓ ଅନୁକରଣର କେନ୍ଦ୍ର ହୋଇ ପାରିଛନ୍ତି ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ୧୩ ବର୍ଷର ପଂକଜ ବୈତରଣୀ ନଦୀରେ ବୁଡି ଯାଉଥିବା ତିନି ଜଣ ମହିଳାଙ୍କ ଜୀବନ ବଂଚାଇଥିବା ବେଳେ ୬ ବର୍ଷୀୟା ମମତା କୁ ମ୍ଭୀର ମୁହଁରୁ ନିଜ ଭଉଣୀକୁ ବଂଚାଇବା ଭଳି ସାହସିକ କାର୍ଯ୍ୟ କରିଥିଲେ ।

## ଦକ୍ଷତା ବିକାଶ ପାଇଁ ଭାରତରେ ଥିବା ସୁଯୋଗ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଗୁରୁତ୍ୱାରୋପ

ଡାଭୋସ/ଭୁବନେଶ୍ୱର, ୨୮/୧ (ଶ୍ରୁମି) : ସ୍ୱିଜରଲ୍ୟାଣ୍ଡର ଡାଭୋସ ଠାରେ ଦକ୍ଷତା ବିକାଶ ପାଇଁ ଭାରତରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସ୍ୱିଜରଲ୍ୟାଣ୍ଡର ଡାଭୋସ ଠାରେ ବିଶ୍ୱ ଆର୍ଥିକ ସମ୍ମିଳନୀରେ ଦକ୍ଷତା ବ୍ୟବଧାନକୁ କମ କରିବା ଶୀର୍ଷକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଜନସଂଖ୍ୟା ମଧ୍ୟରେ ଯୁବକଙ୍କ ସଂଖ୍ୟା ଖୁବ ଅଧିକ । ଭାରତ ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରିଛି ଓ ଯୁବ ଶକ୍ତିକୁ ଦକ୍ଷତା ବିକାଶ କରା ଯାଉଛି ।

ଭାରତ ସରକାର ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମରେ ୫ କୋଟି ଲୋକଙ୍କର ଦକ୍ଷତା ବିକାଶ ପାଇଁ ହାତକୁ ନେଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଡେନମାର୍କର ପ୍ରଧାନମନ୍ତ୍ରୀ, ଯୁକ୍ତରାଷ୍ଟ୍ର ଆମେରିକା, ନେଦରଲ୍ୟାଣ୍ଡ, ସିଙ୍ଗାପୁର, ୟୁଏଇ, ଓମାନ ଓ ଦକ୍ଷିଣ ଆଫ୍ରିକାର ଦକ୍ଷତା, ଶ୍ରମ ଓ ଯୋଜନା ମନ୍ତ୍ରୀ ମାନଙ୍କ ସହ ସରକାର ହାତକୁ ନେଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

## ନୀତିଶ୍ଳୋକ

ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।
ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍ ପୁରୁଷଃ ପରଃ ॥

ଏହି ପୁରୁଷ ଶରୀର ସହିତ ସମ୍ବନ୍ଧ ରଖୁଥିବାରୁ 'ଉପଦ୍ରଷ୍ଟା' ହୋଇଯାଏ, ତା' ସହିତ ମିଳିତ ହୋଇ ସମ୍ମତି ଓ ଅନୁମତି ଦେଉଥିବାରୁ 'ଅନୁମନ୍ତା', ନିଜକୁ ତାହାର ଭରଣପୋଷଣକାରୀ ମନେ କରୁଥିବାରୁ 'ଭର୍ତ୍ତା', ତାର ସଙ୍ଗରୁ ସୁଖ-ଦୁଃଖ ଭୋଗୁଥିବାରୁ 'ଭୋକ୍ତା' ଓ ନିଜକୁ ତାହାର ସ୍ୱାମୀ ମନେ କରୁଥିବାରୁ 'ମହେଶ୍ୱର' ହୋଇଯାଏ । କିନ୍ତୁ ସ୍ୱରୂପ ଦୃଷ୍ଟିରୁ ଏହି ପୁରୁଷକୁ 'ପରମାତ୍ମା' କୁହାଯାଏ । ଦେହରେ ରହୁଥିଲେ ମଧ୍ୟ ଏହି ପୁରୁଷ ଦେହରୁ ପର(ସମ୍ବନ୍ଧରହିତ) ଅଟେ ।

# ମନ୍ଥର ହେଲେ ବି ସ୍ୱାଗତଯୋଗ୍ୟ

ଦେଶରେ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ ହେବାର ୩ବର୍ଷ ବିତିଲାଣି । ଆମ ପରିବେଶ ତଥା ପାରିପାର୍ଶ୍ୱକୁ ସଫାସୁତୁରା ରଖିବା ଲାଗି ଉଦ୍ୟମକୁ ଏକ ଜନଆନ୍ଦୋଳନର ରୂପ ଦେବା ଲାଗି ଏଇ ଅଭିଯାନ ଜରିଆରେ ପ୍ରୟାସ କରାଯାଉଛି । ଭାରତକୁ ଏକ ପରିଷ୍କାର ପରିଚ୍ଛନ୍ନ ଉପମହାଦେଶରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ପ୍ରତିଜ୍ଞାବଦ୍ଧ ବୋଲି ୨୦୧୫ ସ୍ୱାଧୀନତା ଦିବସର ତାଙ୍କ ଅଭିଭାଷଣରୁ ସ୍ପଷ୍ଟ ହୋଇଯାଇଥିଲା । ଲାଲକିଲ୍ଲାର ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଗାନ୍ଧି ଜୟନ୍ତୀ ଦିନ ମହାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପୂର୍ବକ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରାଯିବ ଏବଂ ୨୦୧୯ ଅର୍ଥାତ୍ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମବାର୍ଷିକ ବେଳକୁ ଏକ ଅପେକ୍ଷାକୃତ ପରିଚ୍ଛନ୍ନ ଭାରତ ଯେମିତି ସମ୍ଭବ ହୋଇପାରିବ ତାହା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେବ । ଭାରତ ଏକ ଅପରିଷ୍କାର ଦେଶ ଭାବେ ତମାମ ପୃଥିବୀରେ କୁଖ୍ୟାତି ହାସଲ କରିଛି । ଗଲା ଶତାବ୍ଦୀର ସପ୍ତମ ଦଶକରେ ନୋବେଲ୍ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଭିଏସ୍ ନାଇପଲ ଭାରତ ଆସି ଅପରିଚ୍ଛନ୍ନତାର ଯେଉଁ ରୂପ ଦେଖିଥିଲେ ତାକୁ ସେ ଆନ୍ ଏରିଆ ଅଫ୍ ଡାର୍କନେସ୍ ପୁସ୍ତକରେ ଲେଖିଛନ୍ତି ।

କେବଳ ସେ ନୁହନ୍ତି, ବିଦେଶରୁ ଭାରତକୁ ବୁଲିବାକୁ ଆସୁଥିବା ସାଧାରଣ ପର୍ଯ୍ୟଟକମାନେ ମଧ୍ୟ ଭାରତର ଯେଉଁ ଘୃଣ୍ୟ ଦିଗଟି ସହିତ ପ୍ରଥମେ ସାମ୍ନାସାମ୍ନି ହୁଅନ୍ତି ତାହା ହେଲା ଅପରିଚ୍ଛନ୍ନତା । ସଡ଼କରେ ଗୋବର, ରାସ୍ତା କଡ଼ରେ ବା ଯେ କୌଣସି ଖୋଲାସ୍ଥାନରେ ଲୋକଙ୍କର ସାମୂହିକ ମଳତ୍ୟାଗ, କାନ୍ଥବାଡ଼ ଓ ସବୁଠି ପାନଛେପ, ଘରସାମ୍ନାରେ କୁଢ଼କୁଢ଼ ଆବର୍ଜନା ଇତ୍ୟାଦି ସେମାନଙ୍କୁ ଏକ ଅତିବାସ୍ତବ ପୃଥିବୀକୁ ନେଇଯାଏ । ଏଭଳି ଅପରିଚ୍ଛନ୍ନତା ଯେ ସମ୍ଭବ ଏବଂ ତା ଭିତରେ ବିନା କୌଣସି ଅସ୍ୱସ୍ତିରେ ଜୀବନଯାପନ କରିହୁଏ, ସେ କଥା ସେମାନଙ୍କ କଳ୍ପନା ବାହାରେ ଥାଏ । ସେଇ ଦୃଷ୍ଟିରୁ ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ଜନସଚେତନତା ଓ ଜନାଗ୍ରହ ସୃଷ୍ଟି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ତେବେ ଏଦିଗରେ ଆମ ପ୍ରୟାସ ମନ୍ଥର ପଡିଥିବା ନିଶ୍ଚିତ ରୂପେ କୁହାଯାଇପାରିବ । ହେଲେ ଏବେ ୬୯ତମ ଗଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ 'ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଦେଶର ୧୦ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳ ଯଥା ସିକ୍କିମ, ହିମାଚଳ ପ୍ରଦେଶ, କେରଳ, ହରିୟାଣା, ଉତ୍ତରାଖଣ୍ଡ, ଗୁଜରାଟ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଚଣ୍ଡିଗଡ଼ ଏବଂ ଡାମନ ଓ ଡିଉ ଆଦିରେ ୩ ଲକ୍ଷ ଗ୍ରାମ ଏବଂ ୩୦୦ ଜିଲ୍ଲାକୁ ଖୋଲାମଳମୁକ୍ତ ଘୋଷଣା କରାଯାଇଛି ।

ନୂଆଦିଲ୍ଲୀ ଠାରେ ଅଭିଯାନର ଅଗ୍ରଗତି ସମ୍ପର୍କରେ ଗଣମାଧ୍ୟମ ଆଗରେ ବୈଷୟିକ ବିବରଣୀ ପ୍ରଦାନ କରିବା ଅବସରରେ କେନ୍ଦ୍ର ପାନୀୟ ଜଳ ଏବଂ ପରିମଳ ମନ୍ତ୍ରଣାଳୟର ସଚିବ ପରମେଶ୍ୱରନ ଆୟାର ଏହି ତଥ୍ୟ ଉପସ୍ଥାପନ କରିଥିଲେ ।

ଏହାକୁ 'ଗ୍ରାମୀଣ ଭାରତରେ ପରିମଳ ଆନ୍ଦୋଳନ' ବୋଲି ଉଲ୍ଲେଖ କରି ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ ମାର୍ଚ୍ଚ ୨୦୧୮ ସୁଦ୍ଧା ୧୫ଟି ରାଜ୍ୟ/କେନ୍ଦ୍ର ଶାସିତ ଅଂଚଳକୁ ଖୋଲାମଳମୁକ୍ତ ଘୋଷଣା କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଦ୍ରୁତଗତିରେ ଅଗ୍ରଗତି ହାସଲ କରୁଥିବାରୁ ଏହି ଅଭିଯାନ ୨୦୧୯ରେ ଖୋଲା ମଳମୁକ୍ତ ଭାରତ ଲକ୍ଷ୍ୟ ହାସଲ କରିବା ଲାଗି ଠିକଣା ପଥରେ ରହିଛି । ଏହା ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ । କେନ୍ଦ୍ର ସରକାର ୨୦୧୫ରେ ଏହି ଅଭିଯାନ ଆରମ୍ଭ କରିଥିଲେ । ୩ ବର୍ଷ ମଧ୍ୟରେ ମନ୍ଥର ହେଲେ ମଧ୍ୟ ଏହା ସଠିକ ଦିଗରେ ଗତି କରୁଛି ।

ଇତିମଧ୍ୟରେ କେତେକ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ସମ୍ପର୍କରେ ତଥ୍ୟ ରଖିଥିଲେ ଯେଉଁଥିରେ ଗ୍ରାମାଞ୍ଚଳର ପରିବାର ଉପରେ ପରିମଳର ସ୍ୱାସ୍ଥ୍ୟଗତ ଏବଂ ଅର୍ଥନୈତିକ ପ୍ରଭାବ ବିଷୟରେ ଆକଳନ କରାଯାଇଛି । ୟୁନିସେଫ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରେ କୁହାଯାଇଛି ଯେ ପରିମଳର ଅଭାବ ଯୋଗୁ ଭାରତରେ ପ୍ରତିବର୍ଷ ୧ ଲକ୍ଷ ଶିଶୁ ପ୍ରାଣ ହରାଉଛନ୍ତି । ବିଲ ଏଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ଖୋଲାମଳମୁକ୍ତ ଘୋଷିତ ଗ୍ରାମରେ ରହୁଥିବା ପରିବାରଗୁଡ଼ିକ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସୁସ୍ଥ ରହୁଛନ୍ତି ।

ୟୁନିସେଫ ପକ୍ଷରୁ କରାଯାଇଥିବା ଅନ୍ୟ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ଓଡିଏଫ ଗ୍ରାମରେ ରହୁଥିବା ପରିବାର ପ୍ରତିବର୍ଷ ଚିକିତ୍ସା ଖର୍ଚ୍ଚ ବାବଦରେ ୫୦ ହଜାର ଟଙ୍କା ସଂଚୟ କରିପାରୁଛନ୍ତି, ସୁସ୍ଥ ରହିବା କାରଣରୁ ଜୀବିକାର ସୁରକ୍ଷା କରିପାରୁଛନ୍ତି । ସମଷ୍ଟିଗତ ଦୃଷ୍ଟିରୁ ଦେଖିଲେ ୨୦୦୭ରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରେ ଅନୁମାନ କରାଯାଇଥିଲା ଯେ ପରିମଳର ଅଭାବ କାରଣରୁ ଭାରତକୁ ନିଜ ଜିଡିପିର ୬%ରୁ ଅଧିକ ବ୍ୟୟ କରିବାକୁ ପଡୁଛି ।

ସ୍ଥିତି ଏତେ ଶୀଘ୍ର ବଦଳିବା ସମ୍ଭବ ନୁହେଁ । ଆମ୍ଭ ଦେଶର ଯିଏ ବି କେହି ବିଦେଶକୁ ଯାଆନ୍ତି ସେଠାକାର ରାସ୍ତାଘାଟ ଓ ପରିପାର୍ଶ୍ୱର ପରିଚ୍ଛନ୍ନତା ଦେଖି ଚମତ୍କୃତ ହୋଇ ସେ କାହାଣୀ ଏଠାରେ ବଖାଣନ୍ତି । ପରିଚ୍ଛନ୍ନତା ଲାଗି ସିଙ୍ଗାପୁର ସରକାର କିଭଳି କଠୋର ହୋଇପାରନ୍ତି, ତାହା ତ ଏଠି ଗପ କହିଲା ଭଳି ବର୍ଣ୍ଣନା କରାଯାଏ; କିନ୍ତୁ ସେମାନେ ସମସ୍ତେ ନିଜ ଦେଶର ଅପରିଚ୍ଛନ୍ନତା ପ୍ରତି ନିର୍ବେଦ ରହନ୍ତି । ଭାରତୀୟମାନଙ୍କୁ ସାମାଜିକ ସତ୍ତାଟି ବେଳେବେଳେ ଅସ୍ତିତ୍ୱହୀନ ଭଳି ଲାଗେ । ସେଥିଲାଗି ଆମେ ନିଜ ଘରକୁ ପରିଷ୍କାର କରି ରଖିଲା ବେଳେ ଘର ଅଳିଆକୁ ସର୍ବସାଧାରଣ ରାସ୍ତାରେ ଗଦା କରିଦେଉ କିନ୍ତୁ ପାଶ୍ଚାତ୍ୟ ଦେଶରେ ବ୍ୟକ୍ତିର ସାମାଜିକ ସତ୍ତା ବେଶ୍ ସକ୍ରିୟ । ସେଠାରେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ପରିପାର୍ଶ୍ୱକୁ ପରିଷ୍କାର ରଖନ୍ତି । ଏ ଅଭିଯାନ ଆରମ୍ଭ ହେଲା ବେଳକୁ ଆମ୍ ଆଦମି ପାର୍ଟିର ଅରବିନ୍ଦ କେଜରିୱାଲ କହିଲେଣି ଏହା ଏକ ଲୋକଦେଖାଣିଆ ପ୍ରତୀକାତ୍ମକ କାର୍ଯ୍ୟକ୍ରମ । ଠାଏ ପୁଣି ଖବର ପ୍ରକାଶ ପାଇଛି ଯେ ସରକାରୀ ବାବୁମାନେ ଗାନ୍ଧି ଜୟନ୍ତୀ ଭଳି ଛୁଟି ଦିନରେ ଆସି ନିଜ ଦପ୍ତର ଓ ଆଖପାଖ ଅଞ୍ଚଳକୁ ସଫା କରିବାର ନିର୍ଦ୍ଦେଶ ପାଇଥିବାରୁ ଅସନ୍ତୁଷ୍ଟ । ଏଥିରୁ ବୁଝାପଡୁଛି ଯେ ଆମେ ସମସ୍ତେ ଚାହୁଁ ଯେ ମଇଳା ହଟୁ, କିନ୍ତୁ ସେଥିଲାଗି ଆପଣା ଯୋଗଦାନ ଦେବାକୁ ଚାହୁଁନା । ଆମେ ସମସ୍ତେ ଅପରିଷ୍କାର କରିବା, କିନ୍ତୁ କେବଳ ଗୋଟିଏ ବର୍ଗ ସଫା କରିବେ ବୋଲି ଆମେ ଚାହୁଁ । ସେଇ ମର୍ମରେ ସ୍ୱଚ୍ଛତା ଅଭିଯାନ ଯଦି ସଫଳ ହୁଏ, ତେବେ ତାହା କୌଣସି ଦଳ ବା ସରକାରର ସଫଳତା ହେବନାହିଁ, ତାହା ଆମ ସମସ୍ତଙ୍କ ସଫଳତା ହେବ ଏବଂ ଏହା ବିଫଳ ହେଲେ ହାର୍ ଆମ ସମସ୍ତଙ୍କର ହେବ ।

ଜାତିସଂଘ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଆଠଟି ଗୁରୁତ୍ୱପୂର୍ଣ୍ଣ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍), ରାଷ୍ଟ୍ରମାନଙ୍କ ଦ୍ୱାରା ୧୯୯୦-୨୦୧୫ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯିବାର କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି । 'ସମର୍ଥନୀୟ ପରିବେଶ ସୃଷ୍ଟି' ଏହି ବିକାଶ ଲକ୍ଷ୍ୟର ଏକ ଅଂଶ । ଭାରତ ସମେତ ବହୁ ରାଷ୍ଟ୍ରଙ୍କ ଦ୍ୱାରା ଏହି ସମୟସୀମା ମଧ୍ୟରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥା କାର୍ଯ୍ୟକାରିତାରେ ବିଶେଷ ସଫଳତା ହାସଲ କରାଯାଇ ନଥିବାରୁ ସମର୍ଥନୀୟ ପରିବେଶ ସୃଷ୍ଟି କରିବାରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇନାହିଁ । ଏଥିପାଇଁ ପ୍ରଶାସନ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ବି ସ୍ଥିତି କିନ୍ତୁ କିଛି ବି ପରିବର୍ତ୍ତନ ହେଉନାହିଁ । ଇଆଡ଼େ ନଳା ପାଣି ପରିବେଶକୁ ଭୟଙ୍କର ଭାବେ ସଂକ୍ରମିତ କରୁଥିଲେ ବି କାହାର ଚେତନା ଉଦୟ ହେଉନାହିଁ । ତେଣୁ ଏହି ପ୍ରସଙ୍ଗରେ ଯେ ଆମ୍ଭେମାନେ ଆମ ନିଜ ପରିବେଶକୁ ସଫାସୁତୁରା ରଖିବା ପାଇଁ ଆନ୍ତରିକତାପୂର୍ଣ୍ଣ ଦାୟିତ୍ୱ ନିର୍ବାହ ନ କଲେ ଏହା ଯେ ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ଏକ ଭ୍ରମାତ୍ମକ ବାର୍ତ୍ତା ନ ଯିବ, ତାହା କିଏ ବା କହିବ ? ସମସ୍ତେ ନିଜନିଜ ଅନୁସାରେ ଏଭଳି ସଫେଇ ଅଭିଯାନରେ ସାମିଲ ହେବା ଆବଶ୍ୟକ । ତେଣୁ ଆସନ୍ତୁ ଆମେ ସମସ୍ତେ ପରିବେଶକୁ ସଫାସୁତୁରା ରଖିବା, ଯାହାଦ୍ୱାରା ଆମେ ସୁସ୍ଥ ରହିବା ସହ ଅନ୍ୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ । ଜନସାଧାରଣଙ୍କ ନିମନ୍ତେ ଅଧିକ ସଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ଏହି ସାମଗ୍ରିକ ସ୍ୱଚ୍ଛତା ରକ୍ଷା ଜନଆନ୍ଦୋଳନ ଲୋକମାନଙ୍କ ଆଚରଣରେ ପରିବର୍ତ୍ତନ ଆଣିବା ଆବଶ୍ୟକ । ଏହି ଜନ ଆନ୍ଦୋଳନକୁ ଅଧିକ ତୀବ୍ରତର କରିବାକୁ ପଡ଼ିବ । ସଫାସୁତୁରା ବା ନିର୍ମଳ ପରିବେଶ ପ୍ରସ୍ତୁତି ପାଇଁ ସବୁଠାରୁ ବଡ଼କଥା ହେଉଛି ଏଥିପାଇଁ ଏକ ନିର୍ମଳ ଓ ଆନ୍ତରିକତାପୂର୍ଣ୍ଣ ପରିବେଶ ସୃଷ୍ଟି କରିବା । ପ୍ରତି ପରିବାରରୁ ଏହି ଆନ୍ଦୋଳନ ସୂତ୍ରପାତ ହେବା ଉଚିତ୍ । ସବୁ ସ୍କୁଲ ଓ କଲେଜରୁ ଏହା ବ୍ୟାପକ ହେବା ଦରକାର । ଏଥିରେ ସଂଶ୍ଳିଷ୍ଟ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା ଓ ନାଗରିକ ସମାଜମାନଙ୍କ ମଧ୍ୟରେ ନିଷ୍ଠା ଓ ଆନ୍ତରିକତା ରହିବା ଆବଶ୍ୟକ ।

# ଏବେ ଗ୍ରାମୀଣ ଭାରତ ଉଠୁଛି

## ମହା ମେଘବାହାନ ଐରଖାରବେଳ ସ୍ୱାଇଁ

ଭାରତୀୟମାନଙ୍କର ସମ୍ପତ୍ତି ବଢିବାରେ ଲାଗିଛି, ରୋଜଗାର ବଢିବାରେ ଲାଗିଛି ଏକଥା ଏବେ ଜଣାପଡିବାରେ ଲାଗିଛି । ବିଶେଷ କରି ଯେଉଁ ପରାମର୍ଶଦାତା ଫାର୍ମମାନେ ତଥ୍ୟ ସଂଗ୍ରହ(ସର୍ଭେ) କରୁଛନ୍ତି, ସେହିମାନେ ଏକଥା ସେମାନଙ୍କୁ ଜଣାଇବାରେ ଲାଗିଛନ୍ତି । ଏଥର ଶେଷ ଗୋଟିଏ ଫାର୍ମ 'କାର୍ଭି' ତା'ର ସର୍ଭେ ରିପୋର୍ଟରେ ଜଣାଇଛି ଯେ, ଭାରତରେ ଏହି ରୋଜଗାର ବୃଦ୍ଧି ଓ ସମ୍ପତ୍ତି ସଂଗ୍ରହକୁ ନେଇ ଗୋଟିଏ ବିପ୍ଳବ ଏକପ୍ରକାର ଚାଲିଛି ଏବଂ ଏହି ରୋଜଗାର ବୃଦ୍ଧି ବିପ୍ଳବ ସହରରେ ଯେତେ ଚାଲିଛି, ଅଧିକ ଚାଲିଛି ଗ୍ରାମାଞ୍ଚଳରେ । ରିପୋର୍ଟ କହୁଛି, ୨୦୧୭ରେ 'ଭାରତ' ବଢିଛି 'ଇଣ୍ଡିଆ' ଅପେକ୍ଷା ଅନେକ ବେଶି । ଅବଶ୍ୟ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ଆରମ୍ଭ ବେଳକୁ ଭାରତର ଗ୍ରାମୀଣ ବିକାଶ ଆରମ୍ଭ ହେଲା, ପୂର୍ବରୁ ଯେଉଁ ରାଜନୈତିକ ଦଳମାନେ ସାଇକେଲ ଶୋଭାଯାତ୍ରା ପାଇଁ ୫୦ଟି ସାଇକେଲ ଯୋଗାଡ କରି ପାରୁନଥିଲେ ସେମାନେ ଶହ ଶହ ମଟର ସାଇକେଲମାନଙ୍କର ଶୋଭାଯାତ୍ରା କଲେ । ଗ୍ରାମାଞ୍ଚଳମାନଙ୍କରେ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାର ପିଚୁ ରାସ୍ତା ତିଆରି ହେଲା ଯାହା ହେଲା ସବୁଦିନିଆ । ପୂର୍ବରୁ ଗ୍ରାମାଞ୍ଚଳର ଶ୍ରେଷ୍ଠ ରାସ୍ତା ଥିଲା ମୋରମ ରାସ୍ତା । କେତେକ ରାଜ୍ୟମାନଙ୍କରେ (ପଶ୍ଚିମବଙ୍ଗ ପରି) ମୋରମ ପର୍ଯ୍ୟାପ୍ତ ପରିମାଣରେ ମିଳୁନଥିବାରୁ ସେଠାରେ ମୁଖ୍ୟତଃ ମାଟି ରାସ୍ତା ଥିଲା । କିନ୍ତୁ ପିଚୁ ଓ କଂକ୍ରିଟ୍ ରାସ୍ତା ତିଆରି ହେବାରୁ ବିଭିନ୍ନ ଖାଉଟି ପଦାର୍ଥ ବିକୁଥିବା କମ୍ପାନୀମାନେ ଗ୍ରାମାଞ୍ଚଳ ମଧ୍ୟକୁ ଅତି ସହଜରେ ପ୍ରବେଶ କରିପାରିଲେ । ସେମାନେ ନିଜ ନିଜ ପଦାର୍ଥର ବିଜ୍ଞାପନ ପାନ ଦୋକାନ, ଚା' ଦୋକାନ ମାନଙ୍କରେ ଲଗାଇଲେ । ଯେଉଁ ଯେଉଁ ଖାଉଟି ଦ୍ରବ୍ୟ ଗ୍ରାମାଞ୍ଚଳରେ ଆଦୌ ଉପଲବ୍ଧ ହେଉନଥିଲା ତାହା ହେବାକୁ ଲାଗିଲା । ମୋବାଇଲ୍ ଫୋନ୍, ଟିଭି, ଫ୍ରିଜ, ୱାସିଂ ମେସିନ୍ ଇତ୍ୟାଦି ଗ୍ରାମାଞ୍ଚଳମାନଙ୍କରେ ଏକ ସାଧାରଣ ପଦାର୍ଥ ହୋଇ ଗଲା । ୨୦୦୮ରେ ଅର୍ଥନୀତିକୁ ବିଶ୍ୱ ସଂକଟ ଓ ମାନ୍ଦାବସ୍ଥା ସୃଷ୍ଟି ହେବାରୁ ଭାରତର ଅଗ୍ରଗତି କିଛିଟା ମନ୍ଥର ହୋଇଗଲା ନିଶ୍ଚୟ । କିନ୍ତୁ ଗତ ୩ ବର୍ଷର ମନ୍ଥର ଆର୍ଥିକ ଅଭିବୃଦ୍ଧି ପରେ ଗତ ୨୦୧୭ରେ ଅବସ୍ଥାରେ ଉନ୍ନତି ଆସିଛି ଯଦିଓ ବିମୁଦ୍ରାକରଣ ପରି ପଦକ୍ଷେପ, ଆର୍ଥିକ ବିକାଶକୁ ମନ୍ଥର କରିଛି ବୋଲି ଆଶଂକା ସୃଷ୍ଟି ହୋଇଛି । ଗ୍ରାମାଞ୍ଚଳ ଓ ଛୋଟ ଛୋଟ ସହରମାନେ ଏବେ ସମୃଦ୍ଧିର ସୋପାନ ଚଢିବାକୁ ପୁଣି ଆରମ୍ଭ କରିଛନ୍ତି ଓ ଭବିଷ୍ୟତରେ ଏଇମାନେ ଭାରତର ଅଭିବୃଦ୍ଧିର ଇଂଜିନ ହୋଇପାରିବେ । ଏ ସଂକେତ ଦେଇଛନ୍ତି ମୋବାଇଲ୍ ଫୋନ୍ ବ୍ୟବହାର, ଖାଉଟି ପଦାର୍ଥମାନଙ୍କର ବ୍ୟବହାର, ଦୁଇ ଚକିଆ ଓ ଚାରିଚକିଆ ଗାଡିର ବ୍ୟବହାର, ଇଣ୍ଟରନେଟର ବ୍ୟବହାର ଏସବୁ କ୍ଷେତ୍ରରେ ଗ୍ରାମାଞ୍ଚଳ ବହୁତ ବେଗରେ ଆଗକୁ ବଢିବାରେ ଲାଗିଛି । ଗ୍ରାମାଞ୍ଚଳମାନଙ୍କରେ ୨୦୧୭ରେ ଖାଉଟୀ ପଦାର୍ଥମାନଙ୍କର ବିକ୍ରି ୨୦୧୬ ତୁଳନାରେ ୧୩% ବୃଦ୍ଧି ପାଇଛି । ପରିମାଣ ଦୃଷ୍ଟିରୁ ଓ ମୂଲ୍ୟ ଦୃଷ୍ଟିରୁ ଉଭୟ କ୍ଷେତ୍ରରେ ଏହି ଅଭିବୃଦ୍ଧି ଘଟିଛି । ଏହାର କାରଣ ସ୍ୱରୂପ ରିପୋର୍ଟ କହୁଛି ଯେ, ବ୍ୟାଙ୍କିଙ୍ଗ ସେବା ସହ ଗ୍ରାମୀଣ ଭାରତକୁ ଯୋଡିବା ହେତୁ ଏପରି ସଫଳତା ମିଳିଛି । ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ 'ଜନଧାନ ଯୋଜନା' ହେଉଛି ସାଧାରଣ ଜନତାଙ୍କୁ ବ୍ୟାଙ୍କିଂ ସେବା ସହ ଯୋଡିବାର ଶ୍ରେଷ୍ଠ ଉପାୟ ଅଟେ । ଏହି ଯୋଜନା ଅନୁସାରେ ୧୮ କୋଟି ଲୋକମାନଙ୍କର ବ୍ୟାଙ୍କ ଏକାଉଣ୍ଟ ଖୋଲାଯାଇଛି । ପ୍ରଥମେ ସରକାରୀ ସବସିଡି କେବଳ ବ୍ୟାଙ୍କ ଏକାଉଣ୍ଟ ଜରିଆରେ ହିତାଧିକାରୀମାନଙ୍କୁ ଦିଆଯିବ ବୋଲି କୁହାଯାଇଥିଲା । ଏଥିରେ ପ୍ରଭାବିତ ହୋଇ ଅଧିକାଂଶ ଲୋକ ବ୍ୟାଙ୍କରେ ଏକାଉଣ୍ଟ ଖୋଲିଥିଲେ । ପ୍ରଥମେ ପ୍ରଥମେ ଅନେକ ଏକାଉଣ୍ଟ ଏମିତି ବିନା ଜମାରେ ସେଇମିତି ପଡି ରହିଥିଲା । ଯେତେବେଳେ ବିମୁଦ୍ରାକରଣ ନୀତି ଦ୍ୱାରା ୫୦୦ ଓ ୧୦୦୦ ଟଙ୍କିଆ ନୋଟମାନଙ୍କୁ ଗତ ୨୦୧୬ ନଭେମ୍ବରରେ ଅଚଳ ଘୋଷଣା କରିଦିଆଗଲା ସେତେବେଳେ ଅନେକ କଳାଧନ ରଖିଥିବା ବ୍ୟକ୍ତି ସେମାନଙ୍କ ଅର୍ଥକୁ ଏହି ଜନଧନ ଏକାଉଣ୍ଟରେ ଜମା ପାଇଁ ଗରିବ ଲୋକମାନଙ୍କୁ ଦେଲେ ସେତେବେଳେ ଏହି ଏକାଉଣ୍ଟକୁ କିଛି ପଇସା ଆସିଲା । ତେବେ କେବଳ ତାହା ନୁହେଁ, କିଛି ଲୋକ ବ୍ୟାଙ୍କରେ ଅର୍ଥ ଜମା କରିବାକୁ ଲାଗିଲେ ଓ ବିଭିନ୍ନ କମ୍ପାନୀମାନେ କିସ୍ତିରେ ଜିନିଷ କିଣିବା ଅବା ଲୋକଙ୍କୁ ଋଣ ଦେବା ପାଇଁ ସେହି ଏକାଉଣ୍ଟମାନଙ୍କର ରାସ୍ତା ନେଲେ । ଏବେ ଏହି ଜନଧନ ଯୋଜନା ଏକାଉଣ୍ଟମାନଙ୍କରେ ୬୯,୦୨୬ ଜମା ହୋଇଛି । ଗତ ନଭେମ୍ବର ୨୦୧୭ ସୁଦ୍ଧା ଏଥି ସହିତ ବ୍ୟାଙ୍କମାନଙ୍କରେ ଥିବା ସଂଚୟ ଖାତାମାନଙ୍କରେ ୨୮% ଜମା ବୃଦ୍ଧି ହୋଇଛି । ଗତ ବର୍ଷକ ମଧ୍ୟରେ ଗ୍ରାମାଞ୍ଚଳମାନଙ୍କରେ ଥିବା ବ୍ୟାଙ୍କ ଶାଖାମାନଙ୍କରେ ୩୧% ଜମା ବୃଦ୍ଧି ହୋଇଛି । କେବଳ ଜନଧନ ଏକାଉଣ୍ଟ ନୁହେଁ, ଇତି ମଧ୍ୟରେ ରିଜର୍ଭ ବ୍ୟାଙ୍କ ଓ କ୍ଷୁଦ୍ର ବ୍ୟାଙ୍କମାନଙ୍କୁ ଖୋଲିବା ପାଇଁ ଲାଇସେନସ ଦେବା ଆରମ୍ଭ କରିଛନ୍ତି । ବିଶେଷ କରି ମାଇକ୍ରୋଫାଇନାନ୍ସ ସଂସ୍ଥାମାନଙ୍କୁ ଏ ଧରଣର ବ୍ୟାଙ୍କ ଖୋଲିବା ପାଇଁ ଅନୁମତି ଦିଆଯାଇଛି । ବଡ ବଡ ବ୍ୟାଙ୍କମାନେ ଲକ୍ଷ ଲକ୍ଷ, କୋଟି କୋଟି ବା ଏକପ୍ରକାର ହଜାର ହଜାର ଟଙ୍କାର ଋଣ(ଅତି କମ୍‌ରେ ୫୦,୦୦୦) ଦେଇଥାନ୍ତି । ସେମାନେ ଟ୨,୦୦୦, ୫୦୦୦ ବା ୧୦,୦୦୦ ଋଣ ଦିଅନ୍ତି ନାହିଁ । କିନ୍ତୁ ଛୋଟ ବ୍ୟବସାୟୀ, ଦୋକାନୀମାନେ ଏହି କ୍ଷୁଦ୍ର ଋଣ ଚାହାନ୍ତି, ଯାହାକୁ ସେମାନେ ନିଅନ୍ତି ଓ ପରିଶୋଧ ମଧ୍ୟ କରିଥାନ୍ତି । ଏପରିକି ଅନେକ କ୍ଷେତ୍ରରେ ସେମାନେ ପ୍ରତିଦିନ ସକାଳେ ଋଣ ନେଇ ସନ୍ଧ୍ୟାବେଳକୁ ତାହା ପରିଶୋଧ କରିଥାନ୍ତି । ବଡ ବ୍ୟାଙ୍କମାନେ ଏହି ଧରଣର ଋଣ ଦେବା ଅବସ୍ଥାରେ ନଥିଲାବେଳେ ନୂଆ ରକି ଖୋଲିଥିବା କ୍ଷୁଦ୍ର ବ୍ୟାଙ୍କମାନେ ସେହି ସୁବିଧା ଯୋଗାଇପାରିବେ ନହେଲେ କ୍ଷୁଦ୍ର ବ୍ୟବସାୟୀମାନେ ଅତି ବେଶି ସୁଧରେ ହାତଉଧାରି ଋଣ ସାହୁକାରମାନଙ୍କ ଠାରୁ ଉଠାଇଥାନ୍ତି । ଯାହା ପରିଶୋଧ କରିବା କଷ୍ଟକର କଥା । ଏବେ ଏହି କ୍ଷୁଦ୍ର ବ୍ୟବସାୟୀମାନଙ୍କୁ କ୍ଷୁଦ୍ର ମାଇକ୍ରୋଫାଇନାନ୍ସ ବ୍ୟାଙ୍କ ଦ୍ୱାରା ଆନୁଷ୍ଠାନିକ ବ୍ୟାଙ୍କ ସେବା ମଧ୍ୟକୁ ପ୍ରବେଶ କରିଛନ୍ତି । ଏତି ସମୟ ମଧ୍ୟରେ ଜୀବନ ବୀମା କମ୍ପାନୀମାନଙ୍କର ମଧ୍ୟ ବେଶ ଅଭିବୃଦ୍ଧି ହୋଇଛି । ପୂର୍ବରୁ ସେମାନେ ଯେତେ ଜଣଙ୍କର ଜୀବନବୀମା କରିଥିଲେ ଗତ ବର୍ଷକ ମଧ୍ୟରେ ୨.୭୨% ଅଧିକ ଲୋକଙ୍କ ଜୀବନବୀମା କରାଇଛନ୍ତି । ୨୦୧୬ରେ ସେମାନେ ଏଥିପାଇଁ ଯେତେ କିସ୍ତି ଆଦାୟ କରିଥିଲେ ୨୦୧୭ରେ ସେମାନେ ୮% ଅଧିକ କିସ୍ତି ଆଦାୟ କରିଛନ୍ତି । ଜୀବନବୀମା ବ୍ୟତିତ ମ୍ୟୁଚୁଆଲ୍ ଫଣ୍ଡମାନଙ୍କରେ ମଧ୍ୟ ବେଶ ଅଭିବୃଦ୍ଧି ଘଟିଛି । ମ୍ୟୁଚୁଆଲ୍ ଫଣ୍ଡରେ ଜମା ରଖୁଥିବା ଅର୍ଥକୁ ଷ୍ଟକ୍ ମାର୍କେଟରେ ଲଗାଣ କରାଯାଇଥାଏ । ଏହି ସାଧାରଣ ବ୍ୟାଙ୍କ ଜମା ଅପେକ୍ଷା ଏହି ଜମାକୁ ସାଧାରଣତଃ ଅଧିକ ସୁଧ ମିଳିଥାଏ । ଭାରତର ମ୍ୟୁଚୁଆଲ ଫଣ୍ଡ ସଂଗଠନର ତଥ୍ୟ ଅନୁସାରେ ୨୦୧୭ରେ ମ୍ୟୁଚୁଆଲ ଫଣ୍ଡମାନେ ଯେଉଁ ସମ୍ପତ୍ତି (ଅର୍ଥ ମଧ୍ୟ) କାରବାର କରୁଛନ୍ତି ତାହା ପୂର୍ବ ବର୍ଷ ଠାରୁ ୩୦% ବୃଦ୍ଧି ପାଇଛି । ଛୋଟ ଛୋଟ ସହରମାନଙ୍କରେ ଏହି ସମ୍ପତ୍ତି ମ୍ୟୁଚୁଆଲ ଫଣ୍ଡମାନଙ୍କରେ ଟ.୩.୭୯ ଲକ୍ଷ କୋଟି ବୃଦ୍ଧି ପାଇଛି । ଗତ ସେପ୍ଟେମ୍ବର ୨୦୧୭ ଶେଷସୁଦ୍ଧା ଏହି ତଥ୍ୟ ମିଳିଥିଲା । ଗତ ୨୦୧୬ ତୁଳନାରେ ଏହା ପୁନଶ୍ଚ ବୃଦ୍ଧି ଅଟେ । ମ୍ୟୁଚୁଆଲ୍ ଫଣ୍ଡମାନଙ୍କର ଅଭିବୃଦ୍ଧି ଯେଉଁ ଅପେକ୍ଷାକୃତ ଛୋଟିଆ ସହରମାନଙ୍କରୁ ଆସିଛି ସେମାନେ ହେଲେ ସିଲଂ(ମେଘାଳୟ), ଖଡଗପୁର(ପଶ୍ଚିମବଙ୍ଗ), ଭବନଗର(ଗୁଜରାଟ), ଭାସ୍କୋ(ଗୋଆ), ବିଳାସପୁର(ଛତିଶଗଡ), ଜବଲପୁର(ମଧ୍ୟପ୍ରଦେଶ), ସିଲିଗୁଡି(ପଶ୍ଚିମବଙ୍ଗ), ମଦୁରାଇ(ତାମିଲନାଡୁ), ଗୋରଖପୁର(ଉତ୍ତରପ୍ରଦେଶ), ରାଞ୍ଚି(ଝାଡଖଣ୍ଡ) । ଏହାଛଡା ଲୁଧିଆନା(ପଞ୍ଜାବ), ଇନ୍ଦୋର(ମଧ୍ୟପ୍ରଦେଶ), ନାଗପୁର(ମହାରାଷ୍ଟ୍ର), କୋଚି(କେରଳ), କୋଏମ୍ବାଟୁର(ତାମିଲନାଡୁ), ରାଜକୋଟ(ଗୁଜରାଟ), ପାଟନା(ବିହାର), ଭୁବନେଶ୍ୱର ଓ ନାସିକ(ମହାରାଷ୍ଟ୍ର) ଆଦି ସହରମାନଙ୍କରେ ଅର୍ଥ ନିବେଶକମାନେ ଅଧିକରୁ ଅଧିକ ପୁଞ୍ଜି ଲଗାଣ କରିଥିବାର ଲକ୍ଷ୍ୟ କରାଯାଉଛି ।



ଏହି ରିପୋର୍ଟ ଅନୁସାରେ ଗତ ୨୦୧୭ରେ ଭଲ ବର୍ଷା ହୋଇଥିବାରୁ କୃଷି ଉତ୍ପାଦନ ବୃଦ୍ଧି ପାଇଛି । କୃଷି ଉତ୍ପାଦନ ବୃଦ୍ଧି ଯୋଗୁଁ ଗ୍ରାମାଞ୍ଚଳର କୃଷକମାନେଙ୍କ ହାତକୁ ଅଧିକ ଅର୍ଥ ଆସିଛି । ଏହି ଅଧିକ ଅର୍ଥ ଯୋଗୁଁ ଗ୍ରାମାଞ୍ଚଳମାନଙ୍କରେ ଚାହିଦା ମଧ୍ୟ ବୃଦ୍ଧି ପାଇଛି । ଆଜି ଦେଶର ଅଧିକାଂଶ ଗ୍ରାମାଞ୍ଚଳକୁ ସବୁ ଦିନିଆ ପିଚୁ ବା କଂକ୍ରିଟ ରାସ୍ତା ନିର୍ମିତ ହୋଇଥିବାରୁ ଦେଶରେ କାମ କରିବାକୁ ସକ୍ଷମ ଓ ସୁଦୃଢଥିବା ଯୁବପୀଢି ଆଉ କାମ ପାଇଁ କେବଳ ଗାଁରେ ସୀମିତ ହୋଇ ରହୁନାହାଁନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କର ପାଖରେ ଦୁଇ ଚକିଆ ଗାଡି ରହିଲାଣି । ପୂର୍ବରୁ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ବା ସହରମାନଙ୍କୁ ଯିବା ପାଇଁ ସରକାରୀ ବା ବେସରକାରୀ ବସ୍‌ମାନଙ୍କର ଆବଶ୍ୟକତା କରୁଥିଲେ ତାହା ଆଜି ନାହିଁ । ନିଜସ୍ୱ ଗାଡିଥିବା ହେତୁ (ଦୁଇ ଚକିଆ ହେଲେ ମଧ୍ୟ) ସ୍ୱାଧୀନ ଭାବରେ ଯାତାୟତ କରିବାର ସୁଯୋଗ ରହୁଛି । ବ୍ୟବସାୟ ଓ ରୋଜଗାର ବଢାଇବାର ଏହା ଏକ ପ୍ରମୁଖ ଉପାୟ । ଗ୍ରାମାଞ୍ଚଳରେ ଅନେକ ଦ୍ରବ୍ୟମାନଙ୍କରେ ଚାହିଦା ପୂର୍ବରୁ ନଥିଲା ଯାହା ଆଜି ଅଛି । ଗୃହ ନିର୍ମାଣ ଏକ ବଡ କାମ ହୋଇ ଗ୍ରାମାଞ୍ଚଳରେ ଠିଆ ହେଲାଣି । ଓଡିଶା ପରି ଏକ ଅପେକ୍ଷାକୃତ ଦରିଦ୍ର ରାଜ୍ୟରେ ଗ୍ରାମାଞ୍ଚଳରେ ମାଟି ଘରମାନଙ୍କର ସଂଖ୍ୟା ଅନେକ କମିଗଣାଣି । ଅଧିକାଂଶ ଘର ପକ୍କା ହୋଇଗଲାଣି । ସରକାରଙ୍କର ଇନ୍ଦିରା ଆବାସ, ବିଜୁ ପକ୍କା ଘର ନିର୍ମାଣରେ ଲାଗିଛନ୍ତି । ଯାହା ଫଳରେ ଗ୍ରାମାଞ୍ଚଳମାନଙ୍କରେ ଇଟା, ସିମେଣ୍ଟ, ଲୁହାଛଡ, ଗୃହ ନିର୍ମାଣ ସାମଗ୍ରୀ, ବିଭିନ୍ନ ଉପକରଣମାନଙ୍କର ବିକ୍ରି ବୃଦ୍ଧି ପାଉଛି । ଏଥିପାଇଁ ଅନେକ ଲୋକମାନେ ଏହି ଦୋକାନମାନ ଖୋଲିଛନ୍ତି । ଯାହା ମାତ୍ର ଏକ ଦଶକ ତଳେ କେବଳ ସହରାଞ୍ଚଳମାନଙ୍କରେ ଥିଲା । ମୋବାଇଲ୍ ମରାମତି ଦୋକାନ ଗ୍ରାମାଞ୍ଚଳ ଓ ଛୋଟ ଛୋଟ ବଜାରମାନଙ୍କରେ ଅନେକ ସଂଖ୍ୟାରେ ଖୋଲିଣାଣି ଯାହା ଅତୀତରେ ନଥିଲା । ଅନେକ ସମୟରେ ଗାଁ ମାନଙ୍କରେ ଓ ଗାଁ ବଜାରମାନଙ୍କରେ ବିଭିନ୍ନ କମ୍ପାନୀମାନଙ୍କ ପକ୍ଷରୁ ଯେମିତି ରଙ୍ଗୀନ ବ୍ୟାନର ଝୁଲୁଛି ତାହା ଗ୍ରାମର ସମୃଦ୍ଧିର ପ୍ରମାଣ ଅଟେ । ଗ୍ରାମାଞ୍ଚଳ ଦୋକନମାନଙ୍କରେ ପ୍ୟାକେଟଣରେ ଥିବା ବିଭିନ୍ନ ଖାଦ୍ୟଦ୍ରବ୍ୟମାନ ଯେମିତି ଏବେ ଉପଲବ୍ଧ ହେଉଛି ଅତୀତରେ ତାହା ନଥିଲା । ଲୋକମାନେ କି ପ୍ରକାର ଖାଦ୍ୟ ଖାଉଛନ୍ତି ତାହା ମୁଖ୍ୟତଃ ସେ ଅଞ୍ଚଳର ଜନସାଧାରଣଙ୍କର ଆର୍ଥିକ ସ୍ଥିତିର ସଂକେତ ଦେଇଥାଏ । ଭାରତରେ ଆଜି ତାହା ଘଟୁଛି ।

ମୋବାଇଲ-୯୪୩୭୦୨୦୨୯୦
Email-kharabelaswain@gmail.com

# ସାରସ୍ୱତ ତପୋବନର ଋଷିପ୍ରତିମା

ଉମା ଶଙ୍କର ପ୍ରସାଦ

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ଓଡ଼ିଆ ସାହିତ୍ୟାକାଶରେ ଗ୍ରହଣ ଲାଗିଥିଲା ସେହି ଦୁର୍ଦ୍ଦିନରେ ଆବିର୍ଭାବ ହୋଇଥିଲା ସାରସ୍ୱତ ତପୋବନର ଋଷିପ୍ରତିମ ଭକ୍ତକବି ମଧୁସୂଦନଙ୍କ ଧର୍ମନିଷ୍ଠାର ସେ ଥିଲେ ଜଣେ ଜୀବନ ପ୍ରତିକ । ବିଭୂ ପଦାରବିନ୍ଦରେ ନିଜକୁ କାୟୋମନୋବାକ୍ୟରେ ଲଗାଇବା ସହ ତାଙ୍କର ଧର୍ମନିଷ୍ଠା ଓ ବିଭୂପ୍ରେମ ଯୋଗୁଁ ସମଗ୍ର ଉତ୍କଳରେ ସେ ଭକ୍ତକବିର ଆଖ୍ୟାରେ ମଣ୍ଡିତ ହୋଇଛନ୍ତି । ୧୮୫୩ ମସିହା ଜାନୁୟାରୀ ମାସ ୨୯ ତାରିଖରେ ପବିତ୍ର ଶ୍ରୀପଞ୍ଚମୀ ଦିବସରେ ସେ ଅମ୍ବିକା ଦେବୀଙ୍କ କୋଳମଣ୍ଡନ କରିଥିଲେ । ଶୈଶବାବସ୍ଥାରେ ମା'ଛେଉଣ୍ଡ ହୋଇ ମାତ୍ୟ ସ୍ନେହରୁ ବଞ୍ଚିତ ହୋଇଥିଲେ, ଯାହାକୁ ସେ ତାଙ୍କ "ମୋ ଜନନୀ" କବିତାରେ ଉଲ୍ଲେଖ କରିଛନ୍ତି ।

"ପାଞ୍ଚବର୍ଷ ଦିନୁ ମୁହିଁ ଅଟଇ ଅନାଥ ହରାଇ ଜନନୀ
କିନ୍ତୁ ବିଶ୍ୱପତି ଦୟାବହି ମୋର ପ୍ରତି ଦେଇଛନ୍ତି ମୋର ପ୍ରାଣେ ମହାସ୍ପର୍ଶ ମଣି ॥"

ପିତା ଭାଗୀରଥି ଜମାଦାର ଭାବେ ଗୋପରେ କାର୍ଯ୍ୟ କରୁଥିଲେ । ମାମୁଁଙ୍କ ଘରେ ଉପଯୁକ୍ତ ଯତ୍ନ ନିଆ ଯାଉନଥିବା ଦିବଂଗତ ସ୍ତ୍ରୀଙ୍କ ସ୍ୱପ୍ନରୁ ଜାଣିପାରେ । ଭାଗିରଥି ଦୁଇ ପୁଅକୁ ମାମୁଁ ଘରୁ ସେମାନଙ୍କୁ ଗୋପକୁ ନେଇ ଆସିଥିଲେ । ମଧୁସୂଦନ ମନପ୍ରାଣ ଦେଇ ବାଲ୍ୟକାଳର ନିଜ ପିତାଙ୍କ ସେବା କରୁଥିଲେ । ବାଲ୍ୟକାଳରେ ମଧୁସୂଦନ ଚାଟଶାଳୀ ପାଠକୁ ଆୟତ କରି ମନବୋଧ ଚଉତିଶା, ମଧୁରାମବଳ ଓ ଭାଗବତ ପ୍ରଭୃତି - କାବ୍ୟ କବିତାକୁ ଅତି ତଲ୍ଲିନ ହୋଇ ପଢୁଥିଲେ । ପ୍ରଚଣ୍ଡ ବାଗ୍ମୀତା ବଳରେ ମଧୁସୂଦନ ଓଡ଼ିଶାର ସ୍କୁଲ ବିଭାଗର ପରିଦର୍ଶକ ଉଡ୍ରୋସାହେବଙ୍କ ଗଣିତ, ଭୂଗୋଳ ଓ ଅନ୍ୟାନ୍ୟ ବିଷୟର ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ପୁରୀ ଜିଲ୍ଲା ସ୍କୁଲରେ ବିନା ଦରମାରେ ପଢ଼ିବାର ସୁଯୋଗ ପାଇଥିଲେ । ସ୍ୱଳ୍ପ ଅବଧି ଭିତରେ ସେ ନିଜର ସ୍ୱଭାବକୁ ସୁଲଭ ଗୁଣବଳରେ ସେ ସମସ୍ତଙ୍କର ସ୍ନେହଭାଜନ ହୋଇପଡ଼ିଥିଲେ । ପ୍ରତ୍ୟେକ ବିଷୟରେ ଶ୍ରେଣୀର ପ୍ରଥମ ହେବାର ଗୌରବ ଦୀର୍ଘ ତିନି ବର୍ଷ ଧରି ଅର୍ଜନ କରି ସେ ରେୱା ମହାରାଜ ପ୍ରଦାନ କରିଥିବା ରୌପ୍ୟ ପଦକ ଲାଭ କରିବା ସହ ନିଜର ବିଚକ୍ଷଣ ବୁଦ୍ଧିଯୋଗୁଁ ଗୋଟିଏ ବର୍ଷରେ ଦୁଇଟି ଶ୍ରେଣୀ ଉତ୍ତୀର୍ଣ୍ଣ ହେବାର ସୌଭାଗ୍ୟ ପାଇଥିଲେ । ସେତେବେଳର ବାଲ୍ୟବିବାହ ପ୍ରଥା ଯୋଗୁଁ ଏଗାର ବର୍ଷ ବୟସ ବେଳେ ସେ ପଦ୍ମାବାଇ ନାମ୍ନୀ ନଅ ବର୍ଷର କନ୍ୟାକୁ ବିବାହ କରିଥିଲେ । ସେତେବେଳେ ୧୮୬୬ ମସିହାରେ ଗଜପତି ରାଜ୍ୟ ଦିବ୍ୟସିଂହଙ୍କ ନବମ ଅଙ୍କ ଚାଲୁଥିବାରୁ ଘଟିଥିବା ଭୟାବହ ଦୁର୍ଭିକ୍ଷକୁ ଲୋକେ ନ'ଅଙ୍କ ଦୁର୍ଭିକ୍ଷ ବୋଲି କହିଥିଲେ । ଯେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଆଦର୍ଶ ଓ ମାର୍ଗଦର୍ଶନ ତାଙ୍କୁ ଅନୁପ୍ରାଣିତ କରିଥିଲା । ସେମାନେ ହେଲେ ହରିହର ଦାସ, ରାଧାନାଥ ରାୟ, ମାତ୍ର ମଧୁସୂଦନଙ୍କ ଜୀବନର ଗୋଡ଼କୁ ବଦଳାଇବାର ରାଧାନାଥଙ୍କ ପ୍ରଚେଷ୍ଟା ମହନୀୟ ଥିଲା । ସେ ମଧୁସୂଦନଙ୍କୁ କାଳିଦାସ, ମାଘ, ଭାଇବୀ, ଶ୍ରୀହର୍ଷ, ଭର୍ତ୍ତୃହରି, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ ଓ କବିସୂର୍ଯ୍ୟଙ୍କ ଲେଖା ଓ କବିତା ଶୁଣାଉଥିଲେ । ତୁଳସୀ ଦାସଙ୍କ ରାମଚରିତ ମାନସ ତାଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା । ସଂସ୍କୃତ ସାହିତ୍ୟ ବ୍ୟତୀତ ଗୁରୁ ରାଧାନାଥ ତାଙ୍କୁ ଇଂରେଜୀଙ୍କ ସେକ୍ସପିଅର, ୱାର୍ଡ଼ସୱାର୍ଥ, ସେଲି କିଟ୍‌ସ ପ୍ରଭୃତି କବିମାନଙ୍କର କବିତା ଶୁଣାଉଥିଲେ । ରାଧାନାଥଙ୍କ ଯତ୍ନ ଓ ଅଦମ୍ୟ ଚେଷ୍ଟାବଳରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାର ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାଶ୍ କଲେ । ଏବଂ ମାସିକ ଦଶଟଙ୍କା ବୃତ୍ତି ପାଉଥିଲେ । ଏହିପରି ଭାବରେ ମଧୁସୂଦନ ଆଉ ପଛକୁ ନଫେରି ୧୮୭୧ ମସିହାରେ କଟକ କଲେଜରୁ ଏଫ୍.ଏ. ପାସ୍ କରି ଯେତେବେଳେ କଲିକତାରେ ବି.ଏ. ପଢ଼ିବା ପାଇଁ ପ୍ରସ୍ତୁତି ହେଉଥିଲେ ମାତ୍ର ପିତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସେ ସେଥିରୁ ନିବୃତ୍ତ ରହିଥିଲେ । ସେ ଥିଲେ ବ୍ରାହ୍ମ ଧର୍ମର ଜଣେ ପ୍ରଗାଢ଼ ଉପାସକ, ମାତ୍ର ବ୍ରାହ୍ମଧର୍ମ ଯୋଗୁ ତାଙ୍କୁ ଅନେକ ତାଡ଼ନା ଓ ବିଦ୍ରୂପର ସମ୍ମୁଖୀନ ହେବାକୁ ପଡ଼ିଥିଲା । ମାତ୍ର ପରେ ସେ ବ୍ରାହ୍ମ ସମାଜର ମୁଖ୍ୟ ସଞ୍ଚାଳକ ଭାବେ ଭାରତୀୟ କ୍ଷେତ୍ରରେ ଖ୍ୟାତି ଲାଭ କରିଥିଲେ । ଶିକ୍ଷକ ଜୀବନକୁ ନିଜ ଜୀବନର ମାନଦଣ୍ଡ ରୂପେ ଗ୍ରହଣ କରିଥିଲେ ମଧୁସୂଦନ । ସେ ପ୍ରଥମେ ପୁରୀ ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବେ ଯୋଗଦେଇ ପରେ ପରେ ଯାଜପୁରସ୍ଥ ମାଇନର ସ୍କୁଲରେ ପ୍ରଧାନ ଶିକ୍ଷକଭାବେ ଖ୍ୟାତି ଅର୍ଜନ କରିଥିଲେ । ଏବଂ ପରେ ନିଜର ବହୁବିଧ ., ଯୋଗୁ ୧୮୮୦ ଖ୍ରୀଷ୍ଟାବ୍ଦରେ ସେ ଡ଼େପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ । ଶିକ୍ଷାକ୍ଷେତ୍ରରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦୀ ନାୟକ । ୧୮୮୧ ମସିହାରେ ସେ କଟକ ଟାଉନ୍ ସ୍କୁଲ ନାମରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ । ୧୮୮୯ ମସିହାରେ ସେ ଏହାକୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରିଥିଲେ ।

ସମାଜରେ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ସେ "ଉତ୍କଳ ସାହିତ୍ୟ ସମାଜ" ବିକାଶ ଦିଗରେ ବହୁଚେଷ୍ଟା କରିଥିଲେ । ୧୮୯୩ ପ୍ରତି ଶନିବାର ଦିନ ଛାତ୍ର ଓ ଅଧ୍ୟାପକଙ୍କ ଗହଣରେ ସେ ସାହିତ୍ୟ ଆଲୋଚନା କରୁଥିଲେ । ବିଭିନ୍ନ ଅଞ୍ଚଳର ଅନେକ ସାହିତ୍ୟିକ ତାଙ୍କ ସାହିତ୍ୟ ଆଲୋଚନାରେ ନିଜକୁ ସମ୍ମିଳିତ କରିଥିଲେ । କ୍ରମେ କ୍ରମେ ଏହା ଏକ ଦ୍ରୁମରେ ପରିଣତ ହୋଇଥିଲା । ଏହାର ସଭ୍ୟଥିଲେ । ବିଶ୍ୱନାଥଙ୍କର ନନ୍ଦ କିଶୋର ବଳ, କୃଷ୍ଣ ପ୍ରସାଦ ଚୌଧୁରୀ, ଉତ୍କଳ ଗୌରବ ମଧୁସୂଦନ ଦାସ ମଧ୍ୟ ଅନେକ ସମୟରେ ଏଥିରେ ଯୋଗ ଦେଉଥିଲେ ।

ଓଡ଼ିଆ ଭାଷା ସାହିତ୍ୟକ ଲୋପ କରିବା ପ୍ରଚେଷ୍ଟାକୁ ପଣ୍ଡ କରିବାରେ ଫକୀର ମୋହନଙ୍କ ପରେ ମଧୁସୂଦନଙ୍କ ସାହାଜ୍ୟ ଓ ସହଯୋଗ ମଧ୍ୟ କିଛି କମନଥିଲା । ସେତେବେଳେ ଓଡ଼ିଶାର ବିଦ୍ୟାଳୟମାନଙ୍କର ଓଡ଼ିଆ ପୁସ୍ତକର ଘୋର ଅଭାବ ଥିବା ସମୟରେ ଫକୀର ମୋହନ, ରାଧାନାଥ, ମଧୁସୂଦନ ପ୍ରଭୃତି ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନ କରିଥିଲେ । ଓଡ଼ିଶାର ପିଲାମାନଙ୍କୁ ବର୍ଣ୍ଣ ପରିଚୟ କରାଇବାରେ ସେ ଥିଲେ ଧୂରଣ । ତାଙ୍କର ରଚିତ 'ବର୍ଣ୍ଣବୋଧ' ଓଡ଼ିଆ ଭାଷାର ବର୍ଣ୍ଣମାଳା ଯୁକ୍ତାକ୍ଷର ଆଦିର କ୍ରମ ପ୍ରୟୋଗରେ ଶିଶୁର ମାନସିକ ବିକାଶ ଉପରେ ସେ ଦୃଷ୍ଟିପାତ କରି ଅକାରାନ୍ତ, ଇକାରାନ୍ତ ଓ ଉଚ୍ଚାରାନ୍ତି କ୍ରମରେ ଶିକ୍ଷା ପ୍ରଣାଳୀକୁ ଅତ୍ୟନ୍ତ ସରଳ ଓ ରଚିପୂର୍ଣ୍ଣ କରିଥିଲେ । ଶିଶୁମାନଙ୍କ ପାଇଁ ଶିଶୁବୋଧ ଓ ବାଲ୍ୟବୋଧ ରଚନା ଶିଶୁ ମାନଙ୍କୁ ଅତ୍ୟନ୍ତ ଉପଯୋଗୀ ସାହିତ୍ୟ ମାଧ୍ୟମରେ ଏକ ସୁନ୍ଦର ସୁସ୍ଥ ସମାଜର ଗଠନ ତାଙ୍କର ମୂଳ ଲକ୍ଷଥିଲା । ତାଙ୍କର ଅସଂଖ୍ୟ ଗୀତ ଓ କବିତା ମାଧ୍ୟମରେ ଧର୍ମୀୟ ଭାବନା ପରିସ୍ଫୁଟ ହୋଇଥିଲା । ନିଖିଳମାନଙ୍କ ହୃଦୟ ସହିତ ହୃଦୟ ମିଶାଇ ଦେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଉଥିଲେ । ତାଙ୍କର ପ୍ରତ୍ୟେକ ରଚନା ଯଥା- ଛାନ୍ଦମାଳା ୧ମ ଓ ୨ୟ ଯଥାକ୍ରମେ ୨୨ଟି ଓ ୮ଟି କବିତା ସଙ୍କଳିତ ହେବା ସହ ପ୍ରତ୍ୟେକ ଋତୁ, ସଂଧ୍ୟା, ପ୍ରଭାତ ବର୍ଣ୍ଣନା ଅତ୍ୟନ୍ତ ଚିତାକର୍ଷକ । ପ୍ରତ୍ୟେକ କବିତାରେ ବାଳକମାନଙ୍କୁ ସେ ସତ୍ୟ ଓ ଧର୍ମାନୁରାଗୀ ହେବା ପାଇଁ ଉପଦେଶ ଦେଇଛନ୍ତି । ତାଙ୍କର ଅଖିଳ ବ୍ରହ୍ମାଣ୍ଡ ପତି, ମୋ ଜୀବନ ସ୍ୱାମୀରେ ସେ ବାଳକମାନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି -

"ସତ୍ୟପଥେ ଧର୍ମପଥେ, ଘେନିଯାଅ ମୋତେ
ଭସାଅ ପରାଣମୋର, ତବ ପ୍ରେମ ସ୍ରୋତେ" ।

ତାଙ୍କ ରଚିତ "ବନ୍ଦ ରାମାୟଣ", କବିତାବଳୀ (୧ମ/୨ୟ) 'କୁସୁମାଞ୍ଜଳୀ', 'ବିବିଧ କବିତା', 'ସଙ୍ଗୀତମାଳ', ଇତ୍ୟାଦି ସାହିତ୍ୟାକାଶରେ ଗୋଟିଏ ଗୋଟିଏ ଉଦୀୟମାନ ତାରକାପୁଞ୍ଜ ଯେତେଦିନ ପର୍ଯ୍ୟନ୍ତ ଏ ସଂସାରରେ ଚନ୍ଦ୍ର ସୂର୍ଯ୍ୟଙ୍କର ଆତଯାତ ହେଉଥିବ ସେତେଦିନ ପର୍ଯ୍ୟନ୍ତ ମଧୁସୂଦନ ଯେ ସମସ୍ତିଙ୍କ ହୃଦୟାକାଶରେ ବିରାଜୁଥିବେ, ଏଥିରେ ତିଳାର୍ଦ୍ଧେ ସନ୍ଦେହ ନାହିଁ । ୧୯୨୮ ମସିହା ଡିସେମ୍ବର ୨୮ ତାରିଖରେ ଏ ପୁଣ୍ୟବନ୍ତ ଆତ୍ମାର ଅବଶାନ ଘଟିଲା । ପ୍ରତ୍ୟେକ ମାନବ ସମାଜକୁ ସଚେତନ କରାଇବା ଆତ୍ମାକୁ ଆହ୍ୱାନ ଦେଇ କହିଛନ୍ତି -

"ରେ ଆତ୍ମନ ନିଦ୍ରାପରିହରି
ଫେଡ଼ି ଚିନ୍ତାର ଲୋଚନ
କର କର ନିରୀକ୍ଷଣ, ନିଃଶବ୍ଦେ ଜୀବନ - ସ୍ରୋତ
ଧାଉଁଛି କିପରି
ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ ॥

ହେ ମାନବ ସମାଜ ତୁମର ପଞ୍ଚଭୂତ ଶରୀରରେ ଯେଉଁ ଆତ୍ମା ବିରାଜମାନ କରୁଛି, ସେ ମୃତ୍ୟୁ ସିନ୍ଧୁରେ ମିଶିବା ଆଗରୁ ତୁମର ସମାଜପ୍ରତି କାର୍ଯ୍ୟ ତୁମକୁ ମରି ମଧ୍ୟ ଅମର କରି ରଖିବ । ପ୍ରତ୍ୟେକ କବିତାରେ ସେ ନିଜକୁ ଈଶ୍ୱରଙ୍କ ପାଖରେ ସମର୍ପଣ କରିଛନ୍ତି ଏବଂ ଲେଖିଛନ୍ତି ଯଥା "ମୁହିଁ କ୍ଷୁଦ୍ର' ଉର୍ମି, ତୁମ୍ଭେ ମହାସିନ୍ଧୁ ଉର୍ମି ସିନ୍ଧୁ ଏକାକାର......

ଏ କ୍ଷୁଦ୍ର ପ୍ରାଣର ପ୍ରେମ ପ୍ରତିଦିନ
ପାଦପଦ୍ମେ ପ୍ରାଣବଳୀ
ଅର୍ପଇ ଆନନ୍ଦେ ଘେନ ମହାପ୍ରଭୁ, ଘେନ ଏ ଦୁଃଖୀର ଅଳି ।

ଭଗତ ଲେନ୍, ମେନ୍ ରୋଡ୍,
ଖୋର୍ଦ୍ଧା-୭୫୨୦୫୫, ମୋ: ୮୮୯୫୫୪୭୪୯୦

MARKETS TODAY — ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 36,050.44 –111.20 (–0.31%) |
| NIFTY | 11,069.65 –16.35 (– 0.15%) |

ସୁନା 24K (MCX) (Rs/10g.) 30,343

ଟଙ୍କାର ବିନିମୟ ମୂଲ୍ୟ

1 Dollar = Rs. 63.54

## କାସଗଞ୍ଜ ହିଂସା; ୧୪୪ ଧାରା ବଳବତ୍ତର

# ୬୦ ଗିରଫ, ବନ୍ଧୁକ ଓ ବୋମା ଜବତ

ଲକ୍ଷ୍ନୌ, ୨୮/୧ (ଏଜେନ୍ସି) : ଉତ୍ତରପ୍ରଦେଶର କାସଗଞ୍ଜ ଠାରେ ଗଣତନ୍ତ୍ରଦିବସ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା ତ୍ରିରଙ୍ଗା ର୍ୟାଲିରୁ ସାମ୍ପ୍ରଦାୟିକ ହିଂସା ଆରମ୍ଭ ହୋଇଛି । ଏହି ହିଂସାରେ ୨ଶହରୁ ଅଧିକ ଦୋକାନଘର ଜାଳି ଦିଆଯାଇଥିବାବେଳେ ୧୦ରୁ ଅଧିକ ବସ୍ ପୋଡ଼ି ଦିଆଯାଇଛି । ରବିବାର ଗଣ୍ଡଗୋଳକାରୀମାନେ କାସଗଞ୍ଜ ସହରରେ ଆଉକିଛି ଲେଦାକନରେ ନିଆଁ ଲଗାଇ ଦେଇଥିଲେ । ଏପର୍ଯ୍ୟନ୍ତ ପୋଲିସ ଏହି ଘଟଣାରେ ୬୦ ଜଣଙ୍କୁ ଗିରଫ କରିସାରିଲାଣି । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ତେବେ ମୁଖ୍ୟ ଅଭିଯୁକ୍ତ ସକୀଲ ଏବେ ବି ଫେରାର୍ ଅଛି । ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରୁଛି । ତା' ଘର ଉପରେ ଚଢ଼ାଉ ବେଳେ ଦେଶୀ ବୋମା ବନ୍ଧୁକ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ତା' ସମ୍ପର୍କରେ ପଡ଼ୋଶୀମାନେ ମଧ୍ୟ



ମୁହଁ ଖୋଲୁନାହାନ୍ତି । ଅପରପକ୍ଷେ ଉତ୍ତପ୍ରଦେଶ ଡିଜିପି ଓ.ପି.ସିଂହ ବୟାନ୍ ଦେଇ କହିଛନ୍ତି ଯେ, ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ରବିବାର ସକାଳ ୧୦ଟା ମଧ୍ୟରେ କେତେକ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା । ହିଂସା ପ୍ରଭାବିତ ଅଞ୍ଚଳକୁ ରାଜନୈତିକ ଦଳର ନେତାଙ୍କ ଗସ୍ତ ଉପରେ ପ୍ରତିବନ୍ଧ ଲଗାଯାଇଛି । ସ୍ଥାନୀୟ ଅଞ୍ଚଳରେ ଶନିବାର ଠାରୁ ୧୪୪ ଧାରା ଲାଗୁ କରାଯାଇଛି । ଏହି ଘଟଣାରେ ମୃତ ଏବିଭିପି ନେତା ଚନ୍ଦନ ଗୁପ୍ତାଙ୍କ ପରିବାର ନ୍ୟାୟ ପାଇଁ ଦାବି କରିଥିବାବେଳେ ଏବିଭିପି ଓ ବିଭିନ୍ନ ହିନ୍ଦୁ ସଂଗଠନ ପ୍ରତିବାଦ ଜାରି ରଖିଛନ୍ତି । ଅତି ସମ୍ବେଦନଶୀଳ ବେଲାରୀ ଗେଟ୍ ଅଞ୍ଚଳ ପୋଲିସ୍ ଛାଉଣୀ ପାଲଟିଛି । ମୃତ ଚନ୍ଦନଙ୍କ ସାଙ୍ଗ ପ୍ରିନ୍ସ ମଧ୍ୟ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତାଙ୍କୁ ଅଲୀଗଡ଼ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ସମ୍ପୃକ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି ।

## ନଦୀୟାରେ ଉଡିଲା ସବୁଠାରୁ ବଡ ଜାତୀୟ ପତାକା



ପଶ୍ଚିମବଙ୍ଗ, ୨୮/୧ (ଏଜେନ୍ସି) :ପଶ୍ଚିମବଙ୍ଗର ନଦୀୟା ଜିଲ୍ଲାର ଫୁଲିଆ ସହରରେ ସବୁଠାରୁ ବଡ଼ ଜାତୀୟ ପତାକା ଉତ୍ତୋଳନ କରାଯାଇଛି । ବିଜେପି ସମର୍ଥିତ ଏକ କ୍ଲବ୍ ପକ୍ଷରୁ ଏହି ଜାତୀୟ ପତାକା ଉତ୍ତୋଳନ କରାଯାଇଛି । ଏହାର ଲମ୍ବ ୧୨୧.୫ ଫୁଟ୍ ଏବଂ ଓସାର ୮୧ ଫୁଟ୍ । ଏହାର ଓଜନ ୨୫ କିଲୋ ଏବଂ ଏହାକୁ ପ୍ରସ୍ତୁତ କରିବାରେ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବାଉଁଶରେ ନିର୍ମିତ ୧୮୧.୬ ଫୁଟ୍ ଉଚ୍ଚତା ବିଶିଷ୍ଟ ସ୍ତମ୍ଭରେ ଏହି ପତାକା ଖଞ୍ଜା ଯାଇଥିଲା । ପୂର୍ବରୁ ୱାଘା ସୀମାନ୍ତରେ ସ୍ଥାୟୀ ଲୁହା ସ୍ତମ୍ଭରେ ଉଡୁଥିବା ଜାତୀୟ ପତାକାର ଲମ୍ବ ୧୨୦ ଫୁଟ୍ ଏବଂ ଓସାର ୮୦ ଫୁଟ୍ ଥିଲା ।

## ପାଠ ନପଢିବାରୁ ଛାତ୍ରୀଙ୍କୁ ୧୬୮ଟି ଚାପୁଡା

ଝାବୁଆ, ୨୮/୧ (ଏଜେନ୍ସି) : ମଧ୍ୟପ୍ରଦେଶର ଆଦିବାସୀ ଅଧ୍ୟୁଷିତ ଝାବୁଆ ଜିଲ୍ଲାର ଏକ ସ୍କୁଲ୍‌ରେ ଜଣେ ୧୨ ବର୍ଷର ଛାତ୍ରୀଙ୍କୁ ଦଣ୍ଡସ୍ୱରୂପ ୧୬୮ଟି ଚାପୁଡ଼ା ମରାଯାଇଥିବା ଅଭିଯୋଗ ହୋଇଛି । ଘରକୁ ଦିଆଯାଇଥିବା ପାଠ ନ କରିଥିବାରୁ ଶିକ୍ଷକ ଜଣକ ଛାତ୍ରୀଙ୍କୁ ଏଭଳି ଦଣ୍ଡ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଅଭିଯୋଗ ଅନୁସାରେ, ଦଣ୍ଡସ୍ୱରୂପ ଛାତ୍ରୀଙ୍କ ସହପାଠିନୀଙ୍କ ଦ୍ୱାରା ୬ ଦିନ ପର୍ଯ୍ୟନ୍ତ ଏଭଳି ଚାପୁଡ଼ା ମରାଯାଇଥିଲା । ସ୍କୁଲ୍‌କୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ବେଳେ ଏଭଳି ଦଣ୍ଡ ସମସ୍ତଙ୍କୁ ଚକିତ କରିଛି । ପୀଡ଼ିତାଙ୍କ ବାପା କହିଛନ୍ତି ଯେ, ଝିଅ ଅନୁଷ୍କାର ଦେହ ଭଲ ନଥିଲା । ତେଣୁ ହୋମୱ୍ୱାର୍କ କରିପାରିନଥିଲା । କିଛିଦିନର ଛୁଟିପରେ ସେ ସ୍କୁଲ୍‌କୁ ଯାଇଥିଲା । ତେବେ ହୋମୱ୍ୱାର୍କ କରିନଥିବାରୁ ବିଜ୍ଞାନ ଶିକ୍ଷକ ମନୋଜ ବର୍ମା ଗତ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ ଝିଅଟିକୁ ଏଭଳି ଚାପୁଡ଼ା ଖାଇବାର ଦଣ୍ଡ ଦେଇଥିଲେ । ଏହି ଘଟଣା ପରେ ଝିଅଟି ମାନସିକ ସ୍ତରରେ ଭାଙ୍ଗିପଡ଼ିଛି ଏବଂ ଆଉ ସ୍କୁଲ୍‌କୁ ଯାଉନାହିଁ ।

## ଅନ୍‌ଲାଇନ୍‌ରେ ହେବ ଜେଇଇ ଆଡଭାନ୍ସ

ନୂଆଦିଲ୍ଲୀ, ୨୮/୧ (ଏଜେନ୍ସି) : ଚଳିତ ବର୍ଷ ଜେଇଇ ଆଡଭାନ୍ସ ପରୀକ୍ଷା ମଇ ୨୦ ତାରିଖରେ ୨ଟି ସିଟିଂରେ ଅନୁଷ୍ଠିତ ହେବ । ପ୍ରଥମ ସିଟିଂ ସକାଳ ୯ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ ।ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟରୁ ଅରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ଜେଇଇ ମେନ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଧ ମଧ୍ୟରୁ ଶ୍ରେଷ୍ଠ ୨ ଲକ୍ଷ ୨୪ ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ । ମଇ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏଥିପାଇଁ ଆବେଦନ କରିପାରିବେ । ଆଇଆଇଟି କାନପୁର ପରୀକ୍ଷା ପରିଚାଳନା କରୁଥିବାବେଳେ ୨୨ଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଇଆଇଟି ଓ ଧାନବାଦ ସ୍ଥିତ ଇଣ୍ଡଆନ୍ ସ୍କୁଲ୍ ଅଫ୍ ମାଇନ୍ସ (ଆଇଏସ୍‌ଏମ୍)ରେ ମଧ୍ୟ ନାମ ଲେଖାଯିବ । ତେବେ ବିଭିନ୍ନ ଆଇଆଇଟି ଓ ଆଇଏସ୍‌ଏମ୍‌ରେ ସିଟ୍ ବଢ଼ିବା ପରେ ଜଏଣ୍ଟ ଆଡମିଶନ ବୋର୍ଡ ଏହି ନିଷ୍ପତ୍ତି ନେଇଛନ୍ତି ।

## କମେଣ୍ଟ ମରାକୁ ନେଇ ଗୋଷ୍ଠୀ ସଂଘର୍ଷ

ମୁଜଫରନଗର, ୨୮/୧ (ଏଜେନ୍ସି) : ଉତ୍ତରପ୍ରଦେଶର ମୁଜଫରନଗରରେ କମେଣ୍ଟ ମରାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି । ମୁଜଫରନଗର ଜିଲ୍ଲାର ସମ୍ବାଲହେଡ଼ା ଗ୍ରାମ ନିକଟରେ ଏହି ଘଟଣା ଘଟିଛି । ଶନିବାର ସନ୍ଧ୍ୟାରେ ଘଟିଥିବା ଏହି ସଂଘର୍ଷରେ ୮ ଜଣ ଆହତ ହୋଇଛନ୍ତି । ପୋଲିସ ୬ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରିଛି । ଜଣେ ୧୭ ବର୍ଷୀୟ ନାବାଳିକାକୁ ଅନ୍ୟ ସମ୍ପ୍ରଦାୟର ଯୁବକ ହଇରାଣ କରିବା ସହ କମେଣ୍ଟ ମାରୁଥିବା ଅଭିଯୋଗ ହୋଇଥିଲା । ଏନେଇ ପୋଲିସରେ ଅଭିଯୋଗ କରାଯିବା ସତ୍ତ୍ୱେ ସମ୍ପୃକ୍ତ ଯୁବକମାନେ ଏଥିରୁ ନିବୃତ୍ତ ରହୁନଥିଲେ । ଏଣୁ ନାବାଳିକାର ଆତ୍ମୀୟ ସ୍ୱଜନମାନେ ଏହାକୁ ନେଇ ଆପତ୍ତି ଉଠାଇଥିଲେ । ଆପତ୍ତିରୁ ବଚସା ଓ ବଚସାରୁ ସଂଘର୍ଷ ହୋଇଥିଲା ।

## ୪୯ ଟଙ୍କାରେ ୨୮ ଦିନ ପାଇଁ କଲ୍ ଫ୍ରି

ମୁମ୍ବାଇ, ୨୮/୧ (ଏଜେନ୍ସି) : ରିଲାଏନ୍ସ ଜିଓ ଏବେ ଅନ୍ୟ ମୋବାଇଲ୍ କମ୍ପାନୀଗୁଡ଼ିକ ସହ କଡ଼ା ଟକ୍କର ଦେବା ପାଇଁ ନୂଆ ସ୍କିମ୍ କରିଛି । ଯେଉଁଥିରେ ୪ଜି ବ୍ୟବହାରକାରୀ ଫିଚର ଫୋନ୍ ଗ୍ରାହକଙ୍କ ପାଇଁ ମାତ୍ର ୪୯ ଟଙ୍କାରେ ୨୮ ଦିନ ପାଇଁ ଅନ୍‌ଲିମିଟେଡ୍ କଲ୍ ବ୍ୟବସ୍ଥାର ଘୋଷଣା କରିଛି । ଏହି ବ୍ୟବସ୍ଥାରେ ୨୮ ଦିନ ମଧ୍ୟରେ ଯେ କୌଣସି ନେଟ୍‌ୱାର୍କକୁ ଅନ୍‌ଲିମିଟେଡ୍ କଲ୍ କରାହେବା ସାଙ୍ଗକୁ ଅନ୍‌ଲିମିଟେଡ୍ ମାସେଜ୍ ମଧ୍ୟ ପଠାଇହେବ । ତେବେ ଏହି ଯୋଜନାରେ ମାତ୍ର ୨୦୦ ଏମ୍‌ବି ଡାଟା ମିଳିବ ଏବଂ ଏହାର ବୈଧତା ୨୮ ଦିନ ପର୍ଯ୍ୟନ୍ତ ରହିବ । ଜାନୁଆରୀ ୨୬ ପରେ ଏହି ସ୍କିମ୍ ଉପଲବ୍ଧ କରାଯାଇଛି । ଜିଓର ପୂର୍ବ ପ୍ଲାନ୍‌ଗୁଡ଼ିକୁ ତାଳ ଦେଇ ଏୟାରଟେଲ୍ ବିଭିନ୍ନ ସ୍କିମ୍ ଘୋଷଣା କରୁଥିବାରୁ ଏୟାରଟେଲ୍‌କୁ ହତାଶ କରିଦେବା ପାଇଁ ଜିଓ ଏଭଳି ସ୍କିମ୍ ଘୋଷଣା କରିଥିବା କୁହାଯାଉଛି ।

## ପାକ୍ ନିକଟରେ ଚୀନ ନିର୍ମିତ ଶକ୍ତିଶାଳୀ ଡ୍ରୋନ୍

ଇସଲାମାବାଦ, ୨୮/୧ (ଏଜେନ୍ସି) : ଭାରତ ଏବେ ଆମେରିକା ଓ ଇସ୍ରାଏଲ୍ ଠାରୁ ଯୁଦ୍ଧ ଡ୍ରୋନ୍ କିଣିବାକୁ ଯୋଜନା କରୁଛି । ଏଥିପାଇଁ ଭାରତର ଏହି ୨ ଦେଶସହ ଆଲୋଚନା ମଧ୍ୟ ଚାଲିଛି । କିନ୍ତୁ ଏହା ପୂର୍ବରୁ ଚୀନ୍ ଗୁପ୍ତରେ ପାକିସ୍ତାନକୁ ତା'ର ଶକ୍ତିଶାଳୀ ଯୁଦ୍ଧ ଡ୍ରୋନ୍ ଯୋଗାଇ ଦେଇଛି । ଯୁଦ୍ଧ କରିବାର କ୍ଷମତା ଥିବା ଉଇଙ୍ଗ ଲୁଙ୍ଗ୍ ଆଇ ନାମକ ଏହି ଡ୍ରୋନ୍‌କୁ ଭାରତ ବିରୁଦ୍ଧରେ ପାକିସ୍ତାନ ଉପଯୋଗ କରିବାର ଆଶଙ୍କା ଦେଖାଦେଇଛି । ଏକ ସାଟେଲାଇଟ୍ ଚିତ୍ରରୁ ଚୀନ୍ ନିର୍ମିତ ଏହି ଡ୍ରୋନ୍ ପାକିସ୍ତାନର ଏମ୍‌ଏମ୍ ଆଲମ୍ ଡ୍ରୋନ୍ ବନ୍ଦରରେ ରହିଥିବା ଜଣାପଡ଼ିଛି । ଆମେରିକାରେ ଡ୍ରୋନ୍ ପାଇଁ ତାଲିମ ଦିଆଯାଉଥିବା ବ୍ରାଡ୍ ମହାବିଦ୍ୟାଳୟ ଦର୍ଶାଇଛି ଯେ, ଏହି ଡ୍ରୋନ୍‌ର ଲମ୍ବ ୧୪ ମିଟର । ଏହା ଘଣ୍ଟାକୁ ୨୮୦ କି.ମି. ବେଗରେ ଏକାଥରେ ୫ ହଜାର କି.ମି. ଦୂରତା ପର୍ଯ୍ୟନ୍ତ ଉଡ଼ାଣ କରିପାରେ । ଥରେ ଚାର୍ଜ ହେବା ପରେ ଏହା ୨୦ ଘଣ୍ଟା ଉଡ଼ିପାରିବ । ଏଥିରେ ୧୦୦ କିଲୋ ଓଜନର ଯୁଦ୍ଧାସ୍ତ୍ର ରହିପାରିବ । ଏହା ବୋମା ସହ କ୍ଷେପଣାସ୍ତ୍ର ମଧ୍ୟ ବହନ କରିପାରିବ । ଭୂମିରୁ ଏହାକୁ ନିୟନ୍ତ୍ରଣ କରିହେବ । ଭାରତ ଇସ୍ରାଏଲ୍ ଠାରୁ ହେରନ୍ ଟିପି ଡ୍ରୋନ୍ କିଣିବାକୁ ନିଷ୍ପତ୍ତି ନେଇଛି । ଏହ ଡ୍ରୋନ୍ ବିଶ୍ୱର ଶକ୍ତିଶାଳୀ ଯୁଦ୍ଧ ଡ୍ରୋନ୍ ସହ ବିଭିନ୍ନ ଅନ୍ୟାନ୍ୟ କାର୍ଯ୍ୟ କରିବାର କ୍ଷମତା ରଖିଛି ।



## ଲାଲା ଲଜପତ ରାୟଙ୍କ ୧୫୩ତମ ଜୟନ୍ତୀ ପାଳିତ

କାନପୁର, ୨୮/୧ (ଏଜେନ୍ସି) : କାନପୁରସ୍ଥିତ ଲୋକସେବକ ମଣ୍ଡଳ କେନ୍ଦ୍ରରେ ଲାଲା ଲଜପତ ରାୟଙ୍କ ୧୫୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଲାଲାଜୀଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ସମାଜ ପାଇଁ ତାଙ୍କର ଅବଦାନ ତାଙ୍କୁ ଚିର ଅବିସ୍ମରଣୀୟ କରି ରଖିବ ବୋଲି ଲୋକସେବକ ମଣ୍ଡଳର ଅଧକ୍ଷ ଦୀପକ ମାଲବ୍ୟ, ପଦ୍ମଶ୍ରୀ ଗିରିରାଜ କିଶୋର, ରାମକିଶୋର ବାଜପେୟୀ, ଶିବକୁମାର ଦୀକ୍ଷିତ ଏବଂ ଡାକ୍ତର ବି.ଏନ୍.ସିଂ ପ୍ରମୁଖ ଏହା ଦର୍ଶାଇଛନ୍ତି ।

## ଏମ୍‌ଆର୍‌ଆଇ ମେସିନ୍ ମଧ୍ୟକୁ ଟାଣି ହୋଇଗଲେ ଯୁବକ



ମୁମ୍ବାଇ, ୨୮/୧ (ଏଜେନ୍ସି) : ମୁମ୍ବାଇର ନାୟର ହସ୍ପିଟାଲ୍‌ର ଏମ୍‌ଆରଆଇ ସ୍କାନିଂ ବିଭାଗରେ ରାଜେଶ ମାରୁତି ମାରୋ ନାମକ ଜଣେ ୩୨ ବର୍ଷୀୟ ଯୁବକ ନିଜର ଜଣେ ସମ୍ପର୍କୀୟଙ୍କ ଏମ୍‌ଆର୍‌ଆଇ ସ୍କାନ୍ ପାଇଁ ଆସିଥିଲେ । ବୟସ୍କ ସମ୍ପର୍କୀୟଙ୍କ ବେଡ୍‌ରେ ଏକ ଅକ୍ସିଜେନ୍ ସିଲିଣ୍ଡର ଥିଲା । ଉଭୟ ଏମ୍‌ଆର୍‌ଆଇ କକ୍ଷ ମଧ୍ୟକୁ ପଶିବାବେଳକୁ ମେସିନ୍ ଅନ୍ ହେବା ମାତ୍ରକେ ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୋଇଥିଲା । ଫଳରେ ସମ୍ପର୍କୀୟଙ୍କ ବେଡ୍‌ରେ ଲାଗିଥିବା ଅକ୍ସିଜେନ୍ ସିଲିଣ୍ଡରଟି ଟାଣି ହୋଇ ଏମ୍‌ଆର୍‌ଆଇ ମେସିନ୍ ମଧ୍ୟକୁ ପଶିଯାଇଥିଲା । ଏହି ସମୟରେ ପାଖରେ ଛିଡ଼ା ହୋଇଥିବା ରାଜେଶଙ୍କୁ ଗଭୀର ଆଘାତ ଲାଗିଥିଲା । ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଏନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଆଇପିସିର ଧାରା ୩୦୪(କ)ରେ ମାମଲା ରୁଜୁ ହୋଇଛି । ପୋଲିସ ରବିବାର ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି ।

## ଦୁର୍ଘଟଣାରେ ୨ ପୋଲିସ ସମେତ ୭ ମୃତ

ଆଗ୍ରା, ୨୮/୧ (ଏଜେନ୍ସି) : ଆଲିଗଡ଼ର ଅତ୍ରାଉଲ୍ଲି ଅଞ୍ଚଳରେ କୁହୁଡ଼ି ଯୋଗୁଁ ଏକ ସ୍କର୍ପିଓ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ପୋଲିସଙ୍କ ସମେତ ୭ ଜଣ ମୃତ୍ୟୁବରଣ କରିଛନ୍ତି । ପୋଲିସ ଟିମ୍ ଜଣେ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରିବା ପାଇଁ ଆଲିଗଡ଼ ଯାଇଥିଲା । ସେଠାରୁ ଫେରୁଥିବାବେଳେ ରବିବାର ସକାଳେ ଏହି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରେ ବରେଲି ଜବାନ ପୋଲିସ ଷ୍ଟେସନର ଏସ୍‌ଆଇ ପ୍ରଦୀପ ଶର୍ମା ଓ କନେଷ୍ଟବଳ ଦେବେନ୍ଦ୍ର ଯାଦବ ସାମିଲ୍ ଅଛନ୍ତି । ଶନିବାର ଫେରାର୍ ହୋଇଯାଇଥିବା ଯୁବତୀଙ୍କ ପରିବାରବର୍ଗ ସମ୍ପୃକ୍ତ ଯୁବକଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ପୋଲିସ ସେମାନଙ୍କୁ ଖୋଜିବା ପାଇଁ ସେଠାକୁ ଯାଇଥିଲା ।

## ତାଲିବାନ୍ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରମ୍ପଙ୍କ ଆହ୍ୱାନ

ୱାଶିଂଟନ, ୨୮/୧ (ଏଜେନ୍ସି) : ଶନିବାର କାବୁଲ୍‌ରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ମୋଟ୍ ୯୫ ଜଣ ମରିଥିବାବେଳେ ୧୬୩ ଜଣ ଆହତ ହୋଇଛନ୍ତି । ପ୍ରାରମ୍ଭିକ ରିପୋର୍ଟରେ ମୃତକଙ୍କ ସଂଖ୍ୟା ୪୦ ବୋଲି ଦର୍ଶାଯାଇଥିଲା ।

ଭାରତୀୟ ଦୂତାବାସ ଠାରୁ ଅନତିଦୂରରେ ଏକ ପୋଲିସ ଚେକ୍ ପଏଣ୍ଟ ନିକଟରେ ଏହି ବିସ୍ଫୋରଣ କରାଯାଇଥିଲା । ଏହାକୁ ନେଇ ଆମେରିକାର ବୈଦେଶିକ ସଚିବ ରେକ୍ସ ଟିଲରସନ୍, ଆମେରିକାର ପ୍ରତିରକ୍ଷା ସଚିବ ଜେମ୍ ମାଟିସ୍ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଏବେ ତାଲିବାନ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନର ସମୟ ଆସିଯାଇଛି । ତାଲିବାନକୁ



ନିପାତ କରିଦେବା ପାଇଁ ଆମେରିକା ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି । ପ୍ରକାଶଥାଉ କି, ଗତକାଲି କାବୁଲ୍‌ର ଚିକେନ୍ ଷ୍ଟ୍ରିଟ୍ ଠାରେ ହୋଇଥିବା ଆମ୍ବୁଲାନ୍ସ ଆତ୍ମଘାତୀ ବିସ୍ଫୋରଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି ।

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଗଳା କାଟ : କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୨୮/୧ (ଏଜେନ୍ସି) : କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଆର୍.କେ.ସିଂହ ନିଜ ସଂସଦୀୟ ମଣ୍ଡଳୀରେ ସ୍ୱତନ୍ତ୍ର ଗ୍ରାମ୍ୟ ବିକାଶ ଅଭିଯାନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, କେନ୍ଦ୍ରସରକାର ବିଭିନ୍ନ ଯୋଜନା କରୁଛନ୍ତି । କିନ୍ତୁ ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିବାରେ ଯେଉଁମାନେ ବାଧକ ସାଜୁଛନ୍ତି ସେମାନଙ୍କୁ ଜେଲ୍ ପଠାଇ ଦିଆଯିବା ଉଚିତ । ଏପରିକି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଗଳାକାଟି ଦେବା ଉଚିତ ବୋଲି ସେ କହିଛନ୍ତି । ଏହି ଅବସରରେ ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର କେତେକ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

## ଭାରତ ଓ ପାକ୍ ମଧ୍ୟରେ ଶାନ୍ତି ପାଇଁ ୬ଷ୍ଠ ଶାନ୍ତି କ୍ୟାଲେଣ୍ଡର

ଭଟିଣ୍ଡା, ୨୮/୧ (ଏଜେନ୍ସି) : ଭାରତ ଓ ପାକିସ୍ତାନ ମଧ୍ୟରେ ବନ୍ଧୁତା ଏବଂ ଶାନ୍ତି ସ୍ଥାପନା ପାଇଁ ଦକ୍ଷିଣ ଏସିଆ ମୁକ୍ତ ଗଣମାଧ୍ୟମ ସଂଗଠନ ପକ୍ଷରୁ ୬ଷ୍ଠ ଶାନ୍ତି କ୍ୟାଲେଣ୍ଡର 'ଆଘାଜ୍-ଇ-ଦୋସ୍ତି' ଲୋକାର୍ପିତ ହୋଇଯାଇଛି । ଲାହୋର ଠାରେ ପାକିସ୍ତାନର ଶାନ୍ତି ଶିକ୍ଷକ ରାଜା ଖାନ ଏହାର ଲୋକାର୍ପଣ କରିଛନ୍ତି । ଲାହୋରସ୍ଥିତ ହମ୍ ସବ୍ ଏକ ହୈ ଏବଂ ମିଶନ ଭାରତୀୟମ୍ ଅଫ୍ ଇଣ୍ଡିଆର ମିଳିତ ପ୍ରଚେଷ୍ଟାରେ ଏହି କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି । ଭିଡିଓ କନଫରେନ୍ସ ମାଧ୍ୟମରେ ଭାରତ ଓ ପାକିସ୍ତାନର ଛାତ୍ରଛାତ୍ରୀଙ୍କୁ ଯୋଡ଼ିବାରେ ଏହା ପ୍ରୟାସ କରିଥାଏ । ଏହି କ୍ୟାଲେଣ୍ଡରରେ ଭାରତ ଓ ପାକିସ୍ତାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଙ୍କିତ ବିଭିନ୍ନ ଚିତ୍ର, ଲିଖିତ ବାର୍ତ୍ତା ଏବଂ ଶାନ୍ତି ପାଇଁ କାମ କରିଥିବା ବିଶେଷ ବ୍ୟକ୍ତିବିଶେଷଙ୍କୁ ଏଥିରେ ସ୍ଥାନ ମିଳିଥାଏ । ପାକିସ୍ତାନ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଶାନ୍ତି ଶିକ୍ଷା ପ୍ରଚାରକ ରଜା ଖାନ୍ ଏଥିପାଇଁ ବ୍ୟକ୍ତିଗତ ଭାବେ ଉଦ୍ୟମ କରିଆସୁଛନ୍ତି ।

## ଆସନ୍ତା ୯ରୁ ତେଜସ୍ୱୀଙ୍କ 'ନ୍ୟାୟ ଯାତ୍ରା'

ପାଟନା, ୨୮/୧ (ଏଜେନ୍ସି) : ଆସନ୍ତା ୯ ତାରିଖରୁ ଲାଲୁଙ୍କ ସାନ ପୁଅ ତେଜସ୍ୱୀ ଯାଦବ ପୂର୍ଣ୍ଣିଆ ଜିଲ୍ଲାରୁ ଆରମ୍ଭ କରିବେ 'ନ୍ୟାୟ ଯାତ୍ରା' । ବାପା ଲାଲୁଙ୍କୁ ନ୍ୟାୟ ଦେବା ପାଇଁ ଓ ଲାଲୁଙ୍କ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏହି ଯାତ୍ରା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ନିତୀଶ କୁମାର ଓ ବିଜେପି ଲାଲୁଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ତାଙ୍କୁ ଜେଲ୍ ପଠାଇଥିବା ସେ ଅଭିଯୋଗ କରିଛନ୍ତି । ନ୍ୟାୟ ଯାତ୍ରା ଅବସରରେ ଲୋକଙ୍କ ନିକଟରେ ଲାଲୁଙ୍କ ବାର୍ତ୍ତା ପହଞ୍ଚାଯିବ ବୋଲି ସେ କହିଛନ୍ତି । ଆସନ୍ତା ୨୭ ତାରିଖରେ ବିହାର ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ । ଏଥିପୂର୍ବରୁ ରାଜ୍ୟ ସରକାରଙ୍କୁ ଚାପଗ୍ରସ୍ତ କରିବା ପାଇଁ ସେ ଏଭଳି କରୁଥିବା ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି ।

## ସଂଶୋଧିତ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ

# ସିସିଲିରେ ଭାରତ ପ୍ରତିଷ୍ଠା କରିବ ସାମରିକ ଘାଟି

ନୂଆଦିଲ୍ଲୀ, ୨୮/୧ (ଏଜେନ୍ସି) : ସିସିଲିର ରାଷ୍ଟ୍ରପତି ଭାରତ ସରକାରଙ୍କ ସହିତ କରିଥିବା ଚୁକ୍ତିନାମା ମୁତାବକ ଏଣିକି ଭାରତ ସିସିଲିରେ ନିଜର ପ୍ରତିରକ୍ଷା ଘାଟୀ ସ୍ଥାପନ କରିପାରିବ । ସିସିଲିର ରାଷ୍ଟ୍ରପତି ଡ୍ୟାନି ଫଉରେଙ୍କ ଭାରତ ଗସ୍ତ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ସଚିବ ଏସ୍. ଜୟଶଙ୍କର କହିଛନ୍ତି ଯେ, ଭିକ୍ଟୋରିଆ ଠାରେ ଉଭୟ ଦେଶ ମଧ୍ୟରେ ସଂଶୋଧିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ୨୦୧୬ ମାର୍ଚ୍ଚ ମାସରେ ଉପକୂଳ ସର୍ଭିଲାନ୍ସ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମାରେ ସଂଶୋଧନ କରାଯାଇ ନୂଆ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି ଯେଉଁଥିରେ ଭାରତ ତରଫରୁ ବୈଦେଶିକ ସଚିବ ଏସ୍.ଜୟଶଙ୍କର ସ୍ୱାକ୍ଷର କରିଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିସିଲି ଗସ୍ତ ସମୟରେ ଏ ସଂକ୍ରାନ୍ତୀୟ ଚୁକ୍ତିନାମା ପ୍ରଥମେ ସ୍ୱାକ୍ଷରିତ ହୋଇଥିଲା । କିନ୍ତୁ ଏହାକୁ ସିସିଲିର ସଂସଦ ଅନୁମୋଦନ କରିନଥିଲା । ତତ୍କାଳୀନ ରାଷ୍ଟ୍ରପତି ଜେମ୍ସ ମାଇକେଲ୍ ଏହି ଚୁକ୍ତିନାମାକୁ ନେଇ ଅସାମଞ୍ଜସ୍ୟ ପରିସ୍ଥିତିରେ ପଡ଼ିଥିଲେ । ୨୦୧୭ ଅଗଷ୍ଟ ମାସରେ ନୂଆ ରାଷ୍ଟ୍ରପତି ଡ୍ୟାନି ଫାଉଲେ ଘୋଷଣା କରିଥିଲେ ଯେ, ଭାରତ



ସହିତ ହୋଇଥିବା ଚୁକ୍ତିନାମାର ସଂଶୋଧନ କରାଯିବ । ଗତ ବର୍ଷ ଅକ୍ଟୋବର ମାସରେ ଉଭୟ ପକ୍ଷ ଏଥିନେଇ ଆଲୋଚନା କରିଥିଲେ । ନୂଆ ଚୁକ୍ତିନାମା ମୁତାବକ, ସିସିଲିର ଉପକୂଳରେ ଭାରତ ସାମରିକ ଘାଟି ପ୍ରତିଷ୍ଠା କରିପାରିବ । ସିସିଲି ଓ ମରିସସ୍ ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆରବସାଗରରେ ଚୀନ୍ ଏହାର ଉପସ୍ଥିତି ଜାହିର କରୁଥିବାରୁ ସିସିଲି ଓ ମରିସସ୍ ଭଳି ଛୋଟ ଛୋଟ ଦେଶରେ ଭାରତର ପ୍ରତିରକ୍ଷା ଘାଟି ଓ ରାଡାର ବ୍ୟବସ୍ଥା ଭାରତ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଜୟଶଙ୍କର ବୈଦେଶିକ ସଚିବ ଭାବେ ଏହା ଅନ୍ତିମ ଅନ୍ତରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ତାଙ୍କ କାର୍ଯ୍ୟକାଳ ଅବଧି ପୂରି ଯାଇଛି । ନୂଆ ବୈଦେଶିକ ସଚିବ ଭାବେ ବିଜୟ ଗୋଖଲେ ଦାୟିତ୍ୱ ଗ୍ରହଣ କରିବେ । ଜୟଶଙ୍କରଙ୍କ କାର୍ଯ୍ୟକାଳ ରବିବାର ସମାପ୍ତ ହୋଇଥିବାବେଳେ ସୋମବାର ଠାରୁ ଗୋଖଲେ ତାଙ୍କ ସ୍ଥାନ ଗ୍ରହଣ କରିବେ ।

## ବ୍ଲଡ୍ ଗ୍ରୁପ୍‌ରୁ ଜଣାପଡିବ ବ୍ୟକ୍ତିତ୍ୱ

ନୂଆଦିଲ୍ଲୀ, ୨୮/୧ (ଏଜେନ୍ସି) : ବୈଜ୍ଞାନିକମାନେ ଦର୍ଶାଇଛନ୍ତି ଯେ, ବ୍ଲଡ୍ ଗ୍ରୁପ୍‌ରୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଜାଣିହେବ । ଜାପାନ୍‌ରେ ପୁଅଝିଅମାନେ ବ୍ଲଡ୍‌ଗ୍ରୁପ୍ ଜରିଆରେ ଜୀବନସାଥୀ ଠିକ୍ କରିଥାନ୍ତି । ଅନୁଧ୍ୟାନ ମୁତାବକ ଏ ବ୍ଲଡ୍ ଗ୍ରୁପ୍‌ର ଲୋକେ ଜୀବନରେ ସଫଳତା ହାସଲ କରିବା ସହ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଥାନ୍ତି । ଏମାନେ ଅନ୍ୟମାନଙ୍କୁ ସାଥୀରେ ଧରି ଚାଲିବାକୁ ଚେଷ୍ଟା କରିଥାନ୍ତି । ଏମାନଙ୍କ ସ୍ୱଭାବ, କୋମଳ,ସମ୍ବେଦନଶୀଳ । ଏମାନେ ଅନେକ ସମୟରେ ଦୁଶ୍ଚିନ୍ତାରେ ରହିଥାନ୍ତି । ବି' ବ୍ଲଡ୍‌ଗ୍ରୁପ୍‌ର ଲୋକେ ବହୁତ ଶୀଘ୍ର ଅନ୍ୟମାନଙ୍କ ସହ ମିଶିଯାଆନ୍ତି । ହେଲେ ଏମାନେ ଟିକେ ସ୍ୱାର୍ଥପର । ଏମାନେ ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତି ନାହିଁ ଏବଂ ଅଧିକ ପରିଶ୍ରମ କରନ୍ତି । ଏମାନେ ସାଧାରଣତଃ ଜିଦିଆ ପ୍ରକୃତିର ଏବଂ କୌଣସି କଥାକୁ ସହଜରେ ମାନନ୍ତି ନାହିଁ । 'ଏବି' ବ୍ଲଡ୍‌ଗ୍ରୁପ୍‌ର ଲୋକେ ସାଧାରଣତଃ ଶାନ୍ତ ସ୍ୱଭାବର । ଏମାନେ ବହୁ ଚାଲାକ ଚତୁର । ଏମାନେ କାହାକୁ ସହଜରେ ଭରସା କରନ୍ତି ନାହିଁ । ଏମାନେ ଭଲ ଓ ସଚ୍ଚା ହୃଦୟର ମିତ୍ରତା କରିଥାନ୍ତି । ଏମାନଙ୍କ ମନ ସଫା ଓ ଜଣଙ୍କୁ ଗ୍ରହଣ କରିନେବା ପରେ ସହଜରେ ଛାଡ଼ନ୍ତି ନାହିଁ । ଏମାନଙ୍କ ମନରେ ଯାହା ଥାଏ ବ୍ୟବହାରରେ ମଧ୍ୟ ତାହା ପ୍ରଦର୍ଶିତ ହୋଇଥାଏ । 'ଓ'ବ୍ଲଡ୍ ଗ୍ରୁପ୍‌ର ଲୋକେ ସକାରାତ୍ମକ ଏବଂ ଆତ୍ମବିଶ୍ୱାସୀ । ନେତୃତ୍ୱ ନେବାଭଳି ଗୁଣ ଏମାନଙ୍କ ମଧ୍ୟରେ ଅଧିକ ଥାଏ । ଏମାନେ ବହୁତ ପରିଶ୍ରମୀ ଓ ସଫଳତା ହାସଲ କରିବାର ଇଚ୍ଛା ରଖନ୍ତି । ଏମାନେ ଅନ୍ୟକୁ ଖୁସ୍ ରଖିବାକୁ ଉଦ୍ୟମ କରନ୍ତି ।

# ସୁନ୍ଦରଗଡ ଜିଲ୍ଲା ସମାଚାର

## ହଷ୍ଟେଲ ରୁମରେ ଛାତ୍ରୀଙ୍କ ଆତ୍ମହତ୍ୟା



ବଡ଼ଗାଁ, ୨୮।୧ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲାର ବଡ଼ଗାଁ ଥାନା ଅଞ୍ଚଳର ପାଣ୍ଡେରପାଲ୍ଲି ଗ୍ରାମରେ ଥିବା ମିସନ ସ୍କୁଲର ଛାତ୍ରୀ ବାସରେ ରହି ପାଠପଢୁଥିବା ୫ ମ ଶ୍ରେଣୀ ଛାତ୍ରୀ ଲିନା କିରୋ (୧୧) ନିଜ ରୁମରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ । ଏ ସମ୍ବନ୍ଧରେ ଖବର ପାଇ ପୋଲିସ ପହଞ୍ଚି ଲିନାର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି । ଧାରୁଆବିହି ଗ୍ରାମରେ ରହୁଥିବା ସୁନିଲଙ୍କ ଝିଅ ହେଉଛନ୍ତି ଲିନା ।

## ଭିନ୍ନ ଭିନ୍ନ ସଡ଼କ ଦୁର୍ଘଟଣାରେ ୫ ମୃତ ୬ ଆହତ

ବିଶ୍ରା/ ଲହୁଣୀପଡା/ବଣେଇ/ ରାଉରକେଲା, ୨୮।୧ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧୀନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଏକାଧିକ ସଡ଼କ ଦୁର୍ଘଟଣାରେ ପ୍ରାୟ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳର ପାୱାର ହାଉସ ରୋଡଠାରେ ହୋଇଥିବା ଏକ ସଡ଼କ ସୁର୍ଘଟଣାରେ ଶୈଳେନ୍ଦ୍ର ବିଶ୍ୱକର୍ମା ନାମକ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଲହୁଣୀପଡା ଥାନା ଅଞ୍ଚଳର ଟେନ୍ସା ରୋଡର ଫଟାଟାଙ୍ଗରଠାରେ ଏକ ଦୁର୍ଘଟଣାରେ ବିଜୁଳି ସାହୁ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ବିଶ୍ରା ଥାନା ଅଞ୍ଚଳରେ ଠୋଲା ପୋଷ୍ଟଠାରେ



ହୋଇଥିବବା ଏକ ଦୁର୍ଘଟଣାରେ ଭୁବଣ୍ୱେର ସିଂ ନାମକ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏହି ଥାନା ଅଞ୍ଚଳର ବାଗଡେଗା ପଞ୍ଚାୟତର ଖାଇରାଟୋଲା ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ ଅଗସ୍ତି ଲାକ୍ରା, ଅନିଲ ବାଡା ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଥିଲେ । ସେହିପରି ଜଣେ ବଣେଇଗଡ ଥାନା ଅଞ୍ଚଳର ଲଲୋଇ ସେତୁ ନିକଟରେ ହୋଇଥିବା ଅନ୍ୟ ଏକ ଦୁର୍ଘଟଣାରେ ୨ ଜଣ ଏପିଆର କନେଷ୍ଟବଳ ଆହତ ହୋଇ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି ।

## ବସରେ ଛାତ୍ରୀଙ୍କୁ ଅସଦାଚରଣ : ଚାଳକ ଗିରଫ

କୁତ୍ରା, ୨୮।୧ (ଶ୍ରୁ.ମି) : ରାଉରକେଲା ସୁନ୍ଦରଗଡ ଅଭିମୁଖେ ଯାଉଥିବା ରାଜା ଗୋଲ୍ଡ ନାମକ ଏକ ଯାତ୍ରୀବାହୀ ବସ ନମ୍ବର ଓଆର ୧୬ ଇ ୦୯୬୫ରେ କୁତ୍ରା ଥାନା ଅଞ୍ଚଳର ଝାରବେଡା ଠାରେ ରହୁଥିବା ଜୈନିକ ଛାତ୍ରୀ ରାଞ୍ଚିରୋଡରୁ ଚଢି ନିଜ ଘର ଅଭିମୁଖେ ଯାଉଥିବାବେଳେ ବସରେ ଚାଳକ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିବା ସହିତ ନିର୍ଦ୍ଧାରିତ ସ୍ଥାନରେ ବସ ନରଖି ରାସ୍ତାର କିଛି ଦୂରରେ ନିଛାଟିଆ ସ୍ଥାନରେ ଛାତ୍ରୀ ଜଣଙ୍କୁ ଓହ୍ଲାଇ ଦେଇଥିଲା । ଯେଉଁଠାରୁ ଛାତ୍ରୀ ଜଣକ ଏକାକି ଚାଲି ଚାଲି ଯାଉଥିବାବେଳେ ଅନ୍ୟ ୨ ଜଣ ଯୁବକମାନେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ । ପରେ ଏନେଇ ଛାତ୍ରୀଙ୍କ ପରିବାର ଲୋକେ କୁତ୍ରା ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ କେସ ରୁଜୁ କରି ତଦନ୍ତ କରି ବସ ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି ।

## ବିଜୟ ଦାସଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ ପ୍ରଦାନ



ରାଉରକେଲା, ୨୮।୧ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧୀନରେ କାର୍ଯ୍ୟ କରୁଥିବା ଏସଆଇ ବିଜୟ ଦାସ ରାଷ୍ଟ୍ରପତି ପୋଲିସ ମେଡାଲ ପାଇଛନ୍ତି । ଗତକାଲି ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମୁକୁନ୍ଦେଶ୍ୱର ଜୟଦେବ ଭବନରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଏସ ସି ଜମିର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ଦାସଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିବା ଜଣାପଡିଛି ।

## ଇପିଏସ-୯୫କୁ ନେଇ ଆରଏସଏସ-ଆରଆଇକେକେଏସ ମଧ୍ୟରେ ବାକ୍ ଯୁଦ୍ଧ

ରାଉରକେଲା, ୨୮।୧ (ଶ୍ରୁ.ମି) : ଇସ୍ପାତ ଶିଳ୍ପରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାର ୧୯୯୬ ମସିହାରେ ଇପିଏସ୍ -୯୫ ନାମରେ ଏକ ନୀତି ପ୍ରଣୟନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏ ନୀତି ପ୍ରଣୟନକୁ ନେଇ ତଥା ଏଥିରେ ଥିବା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଆରପିପିସି ଆପତ୍ତି ଉଠାଇଥିଲେ । ଆରପିପିସିର ଏହି ଆପତ୍ତିକୁ ପୁନଃ ତର୍ଜମା କରି ଶ୍ରମିକମାନଙ୍କ ହିତ ଦୃଷ୍ଟିରୁ ପଦକ୍ଷେପ ନେବା ପାଇଁ ଆରଏସପିରେ କାର୍ଯ୍ୟରାତ ଥିବା କେତେକ ଶ୍ରମିକ ସଂଗଠନମାନେ ଆରପିପିସିଙ୍କ ପାଖରେ ନିବେଦନ କରିଥିଲେ । ତେବେ ଆରପିପିସି ଶ୍ରମିକ ସଂଘ ସମୁଦାୟ ଆବେଦନକୁ ଅଗ୍ରାହ୍ୟ କରିଦେବାରୁ ପ୍ରଥମେ ଆରଆଇକେକେଏସ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ଏକ କେସ ଦାଏର କରିଥିଲେ । ଯାହାକୁ ବିଚାର ପାଇଁ ଗ୍ରହଣ କରି ମାନ୍ୟବର କୋର୍ଟ ଉଭୟପକ୍ଷକୁ ନିଜ ନିଜ ଦଲିଲ ଦାଖଲ ପାଇଁ ନୋଟିସ ଜାରି କରିଥିଲେ । ଅପରପକ୍ଷେ ଅନ୍ୟତମ ଶ୍ରମିକ ସଂଗଠନ ଆରଏସଏସ ପକ୍ଷରୁ ଉପସାଧାରଣ ସଂପାଦକ ମହିପାଳ ବାଗଙ୍କ ପକ୍ଷରୁ ମଧ୍ୟ ମାନ୍ୟବର ଓଡିଶା ହାଇକୋର୍ଟରେ ଏକ ରିଟ୍ ପିଟିସନ ନମ୍ବର ଡବ୍ଲୁପିସିସି ନମ୍ବର ୧୦୩୪ ଅଫ୍ ୨୦୧୮ ତା ୧୭-୧-୧୮ରେ ଦାଖଲ ହୋଇଥିଲା । ମହିପାଳ ବାଗଙ୍କ ଆବେଦନ ଏବଂ ହିମାଞ୍ଚଳ ପ୍ରଦେଶରେ ଆରସି ଗୁପ୍ତା ଏବଂ ଅନ୍ୟମାନଙ୍କ ମଧ୍ୟରେ ହୋଇଥିବା ଏହିପରି ଏକ ବିବାଦରେ ଗତ ୪-୧୦-୨୦୧୬ରେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ରାୟର ଉଦାହରଣ ଦେଇ ଆରଏସପିର ମହିପାଳଙ୍କ ଦ୍ୱାରା ଇପିଏସ-୯୫କୁ ନେଇ ଦାଏର ମୋକଦ୍ଦମାର ବିଚାର କରି ଆସନ୍ତା ଦେଢ ମାସ ମଧ୍ୟରେ ଇପିଏସ-୯୫ ସମ୍ବନ୍ଧରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ଇପିଏଫ ନୂଆଦିଲ୍ଲୀ, ଆରପିଏଫ୍ସି ଭୁବନେଶ୍ୱର, ଏପିଏଫସି (ପେନସନ) ଭୁବନେଶ୍ୱର, ଆରଏସପି ଏବଂ ହିନ୍ଦୁସ୍ତାନ ଷ୍ଟିଲ ପ୍ରେସିଡେଣ୍ଟ ଫଣ୍ଡ ଟ୍ରଷ୍ଟକୁ ମାତ୍ର ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ଗତ ୧୮-୧-୧୮ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଆରଆଇକେକେଏସ ଏବଂ ଆରଏସଏସ ଦ୍ୱାରା ଇପିଏସ -୯୫କୁ ନେଇ ମାନ୍ୟବର ହାଇକୋର୍ଟରେ ଦାଏର କେସକୁ ନେଇ ହାଇକୋର୍ଟର ରାୟକୁ ନିଜସ୍ୱ ଢଙ୍ଗରେ ବିବେଚନା କରି ଗତ ୨ ଦିନ ହେବ ଆରଏସଏସ ଏବଂ ଆରଆଇକେକେଏସ ପକ୍ଷରୁ ବାକ୍ଯୁଦ୍ଧ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି । କିଏ କାହାକୁ ଅଭ୍ୟାସଗତ ମିଛୁଆ ବୋଲି କହୁଥିବାବେଳେ ଆଉ କିଏ କାହାକୁ ହାଇକୋର୍ଟ ଆଦେଶକୁ ପଢି ବୁଝିବା ଜ୍ଞାନ ଓ ସାମର୍ଥ୍ୟ ନଥିବା କହୁଛି । ଆଉ କିଏ ଏହାକୁ ନିର୍ବାଚନୀ ଭେଳିକି ବୋଲି କହୁଛି । ମାନ୍ୟବର ହାଇକୋର୍ଟ ଏହି ନିର୍ଦ୍ଦେଶକୁ କାର୍ଯ୍ୟକରିବା ପାଇଁ ଆହୁରି ୩୦ ଦିନ ବାକି ଥିବା ବେଳେ ଆରଏସପିରେ ନିର୍ବାଚନ ଆଉ ମାତ୍ର ୨ ଦିନ ବାକିଅଛି । ନିର୍ବାଚନ ପୂର୍ବରୁ ଇପିଏସ-୯୫କୁ ନେଇ ଦୁଇଟି ପ୍ରମୁଖ ସଂଗଠନ ଆରଏସଏସ - ଆରଆଇକେକେଏସ ମଧ୍ୟରେ ଚାଲିଥିବା ବାକ୍ ଯୁଦ୍ଧ ଶ୍ରମିକମାନଙ୍କ ମନରେ ଇପିଏସ-୯୫ ଯୋଜନାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି ଯାହାର ଉତ୍ତର ନିର୍ବାଚନପରେ ଏହି ଦୁଇ ସଂଗଠନକୁ ନେବାକୁ ପଡିବ ।

## ପୋଲିସ ଜନତା ମଧ୍ୟରେ ଖଣ୍ଡଯୁଦ୍ଧ ମାମଲା

## ଶାସକ ଦଳର ସ୍ଥାନୀୟ ଯୁବ ନେତାଙ୍କ ଭୂମିକାକୁ ନେଇ ଚର୍ଚ୍ଚା

ରାଉରକେଲା, ୨୮।୧ (ଶ୍ରୁ.ମି) : ଗତ ୨୦ ତାରିଖ ମଧ୍ୟରେ ପ୍ଲାଣ୍ଟସାଇଟ୍ ଥାନା ଅଧୀନରେ ଥିବା ସେକ୍ଟର -୨୧ ସ୍ଥିତ ସ ମିଲ ଛକ ରିଙ୍ଗରୋଡରେ ହୋଇଥିବା ଏକ ସଡ଼କ ଦୁର୍ଘଟଣାକୁ ନେଇ ଦେଖା ଦେଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଅଣାୟତ ହୋଇ ୨୧ ତାରିଖରେ ଉଗ୍ର ରୂପ ଧାରଣ କରିଥିଲା । ଫଳରେ ରାଜରାସ୍ତାରେ ୨୧ ତାରିଖରେ ପୋଲିସ ଓ ଜନତା ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା । ଉତ୍ୟକ୍ତ ଜନତା ୨ଟି ପୋଲିସ ଗାଡିକୁ ଭାଙ୍ଗି ଚୁରମାର କରିଦେଇଥିବା ବେଳେ ଗୋପବନ୍ଧୁପାଲ୍ଲୀ ଫାଣ୍ଡି ଅଧିକାରୀ ଦିଗବିଜୟ ପ୍ରସାଦ ବିଶ୍ୱାଳଙ୍କୁ ମାଡ କାରି

### ସତ୍ୟ ହୋଇଥିଲେ ସାଂଘାତିକ

ଲହୁଲୁହାଣ କରିଦେଇଥିଲେ । ଗୁରୁତର ଭାବେ ଆହତ ହୋଇଥିବା ଶ୍ରୀ ବିଶ୍ୱାଳ ବର୍ତ୍ତମାନ କଟକରେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣା ଦିନ ଥାନାରେ ବସି ମୃତକଙ୍କ ପରିବାର ସହିତ ଶାନ୍ତିପୂର୍ଣ୍ଣ କଥାବାର୍ତ୍ତା ହୋଇଥିବାବେଳେ ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଶାସକ ଦଳର ଜୈନିକ ଯୁବ ନେତା ଫାଣ୍ଡି ଅଧିକାରୀ ତଥା ଥାନା ଅଧିକାରୀ ଆଇଆଇସିଙ୍କ ଉପରେ ଥିବା ପୂର୍ବ ରାଗ ସୁଝାଇବା ପାଇଁ ଏପରି କାଣ୍ଡ କରାଇବା ପାଇଁ ଅଞ୍ଚଳର କିଛି ଅସାମାଜିକ ଯୁବକମାନଙ୍କୁ ପ୍ରୋତ୍ସାହିତ କରିଥିବା ଚର୍ଚ୍ଚା ଜୋର ଧରିଛି । ଏପରିକି ଏସମ୍ବନ୍ଧୀୟ ଖବର ପାଇ କେତକ ଗଣମାଧ୍ୟମରେ ପ୍ରକାଶ ପାଇସାରିଛି । ଅଞ୍ଚଳରେ ହେଉଥିବା ଚର୍ଚ୍ଚା ଏବଂ ବିଗତ ଦିନରେ ଯୁବ ନେତାଙ୍କ କାର୍ଯ୍ୟକଳାପକୁ ତର୍ଜମା କଲେ ସଂପ୍ରତି ହେଉଥିବା ଚର୍ଚ୍ଚା ଯୁକ୍ତି ଯୁକ୍ତ ବୋଲି ଅନୁମାନ କରାଯାଉଛି । ତେବେ ନିଜର ନିହାତି ଆସନ ସାଧନ ପାଇଁ ଏପରି କରାଯାଇଥିବା କଥା ସତ୍ୟ ତେବେ ନିଶ୍ଚିତ ଅବସ୍ଥା ସାଂଘାତିକ ।

## ଆସନ୍ତା ୧ ଫେବୃୟାରୀରୁ ରାଉରକେଲା ପୁସ୍ତକ ମେଳା

ରାଉରକେଲା, ୨୮।୧ (ଶ୍ର.ମି) : ରାଉରକେଲାର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ ଆଦର୍ଶ ପାଠାଗାର ପକ୍ଷରୁ ୨୫ତମ ପୁସ୍ତକ ମେଳା ଆସନ୍ତା ୧ ଫେବୃୟାରୀରେ ସ୍ଥାନୀୟ ଉଦିତନଗର ପଡିଆଠାରେ ଆୟୋଜିତ ହେବାକୁ ଯାଉଛି । ଦୀର୍ଘ ୧୧ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗୀତା ସମ୍ବନ୍ଧରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଦର୍ଶ ପାଠାଗାରର ସଭାପତି ଗୋପିନାଥ ପଟ୍ଟନାୟକ କହିଲେ କି ଚଳିତ ବର୍ଷ ଏହା ୨୫ତମ ପୁସ୍ତକ ମେଳା ହୋଇଥିବାରୁ ପାଠକମାନଙ୍କ ପାଖରେ ଏହାକୁ ଆହୁରି ଆକର୍ଷିତ କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ନାଚ, ଗୀତ ସହିତ କବିତା ପାଠ କରାଯିବ । ୩ ତାରିଖ ସନ୍ଧ୍ୟାରେ କଣ୍ଠ. ସଙ୍ଗୀତ ପ୍ରତିଯୋଗୀତାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ସମସ୍ତ ମହିଳାମାନଙ୍କୁ ଭାଗ ନେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି




କହିଥିଲେ । ମଞ୍ଚସ୍ଥ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସୁଥିବା କଳାକାରମାନେ ବିଭିନ୍ନ ସମୟରେ ନିଜ ନିଜର କଳା ପ୍ରଦର୍ଶନ କରି ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କଠାରୁ ପୁରସ୍କୃତ ହୋଇଥିବାରୁ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ଜନସାଧାରଣ ଅଧିକ ସଂଖ୍ୟାରେ ଯୋଗ ଦେଇ କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସଂଗଠନର ଉପସଭାପତି ମୀନାକ୍ଷୀଧର ଆହ୍ୱାନ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ . ସଂପାଦଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ସତପଥୀ, ଅନ୍ୟତମ ଉପ ସଭାପତି ଜୀବନବଲ୍ଲଭ ପଟ୍ଟନାୟକ, କୁମାର ବେହେରା, ଉକସାଧାରଣ ସଂପାଦକ ଜ୍ଞାନେନ୍ଦ୍ର କୁମାର ଦାସ, ସଂପାଦକ ଶରତ କୁମାର ରାଉତ, ମନୋଜ କୁମାର ପଣ୍ଡା ପ୍ରମୁଖ ମଧ୍ୟ ଉପସ୍ଥିତଥିଲେ ।

## କିଟ୍ -କିସ୍ ଦ୍ୱାରା ଗଣଦୌଡ ଆୟୋଜନ

ରାଉରକେଲା, ୨୮।୧ (ଶ୍ରୁ.ମି) : ସମସ୍ତଙ୍କୁ ଶିକ୍ଷାର ବାର୍ତ୍ତା ନେଇ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସର୍ବ ବୃହତ ଘରୋଇ ଶିକ୍ଷାନୁଷ୍ଠାନ କିଟ୍ ଏବଂ କିସର ମିଳିତ ଉଦ୍ୟମରେ ଆଜି ସମଗ୍ର ରାଜ୍ୟରେ ଅନୁଷ୍ଠିତ ହୋଇଛି ଗଣଦୌଡ । ଏହିକ୍ରମରେ ରାଉରକେଲାରେ ମଧ୍ୟ ସ୍ଥାନୀୟ ବିଶ୍ରା ଛକଠାରୁ ଏକ ଗଣଦୌଡ ଆରମ୍ଭ ହୋଇ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ନିକଟ ପଡିଆରେ ପହଞ୍ଚିଥିଲେ । ଆରଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି କେ ପ୍ରଧାନ ମୁଖ୍ୟ ଅତିଥି ଏବଂ ଆରଡିଏର ଅଧ୍ୟକ୍ଷ ଶାରଦା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗଣଦୌଡର ଶୁଭାରମ୍ଭ କରିଥିଲେ ।



ଗଣଦୌଡ ପରେ ଆଖପାଖରେ ଶତାଧିକ ଯୁବକମାନେ ଯୋଗ ଦେଇଥିବାବେଳେ ଆୟୋଜକମାନଙ୍କ ପକ୍ଷରୁ କିଟ୍ ଓ କିସର ପ୍ରେଗ୍ରାମ ନିର୍ଦ୍ଦେଶକ ମିହୀର ନାୟକ, ସୁନ୍ଦରଗଡ ଜିଲ୍ଲା ସଂଯୋଜକ ସୁବ୍ରତ ମହାପାତ୍ର, ତଥା କଳିଙ୍ଗ ଟିଭିର ପ୍ରତିନିଧି ତରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ସହରର ବହୁ ମାନ୍ୟଗଣ ବ୍ୟକ୍ତି ଏବଂ ଯୁବକମାନେ ଏହି ଗଣଦୌଡକୁ ସୁଚାରୁ ରୂପେ ପରିଚାଳନାରେ ସହଯୋଗ କରିଥିଲେ ।

## ଆରଆଇକେକେଏସର ବିଶାଳ ଶୋଭାଯାତ୍ରା

ରାଉରକେଲା, ୨୮।୧ (ଶ୍ରୁ.ମି) : ଆସନ୍ତା ୩୦ ତାରିଖରେ ଆରଏସପିର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ପାଇଁ ଅନୁଷ୍ଠିତ ହେବାକୁଥିବା ନିର୍ବାଚନ ପରିପ୍ରେକ୍ଷୀରେ ବର୍ତ୍ତମାନ ଆରଏସପିର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ବିଏମଏସର ଆରଆଇକେକେଏସ ଦ୍ୱାର ଆଜି ଏକ ବିଶାଳ ଶୋଭାଯାତ୍ରା ସେକ୍ଟର -୪ ସ୍ଥିତ ଆରଆଇକେକେଏସ କାର୍ଯ୍ୟାଳୟରୁ ବାହାରି ଇସ୍ପାତ ସହରାଞ୍ଚଳର ବିଭିନ୍ନ ମାର୍ଗ ପରିକ୍ରମା କରି ନିଜ ସପକ୍ଷରେ ଏହା ନେବା ପାଇଁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଥିଲେ । ଆରଆଇକେକେଏସର ସାଧାରଣ ସଂପାଦକ ହିମାଂଶୁ ବଳଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଆରଏସପି କର୍ମଚାରୀମାନେ ଭାଗ ନେଇଥିବା ଜଣାପଡିଛି ।

## ଫାଶି ଦେଇ ବିଧବା ମହିଳାଙ୍କ ଆତ୍ମହତ୍ୟା

*କିଞ୍ଜିରିକେଲା, ୨୮।୧ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା କିଞ୍ଜିରିକେଲା ଥାନା ଅଞ୍ଚଳର ଗାଙ୍ଗପୁରଗଡରେ ରହୁଥିବା ମନ୍ଦାର ସା (୬୫) ନାମକ ଜଣେ ବିଧବ ମହିଳା ନିଜ ଘରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ । ଏ ସମ୍ବନ୍ଧରେ ଖବର ପାଇ ପୋଲିସ ପହଞ୍ଚି ବିଧବା ମହିଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।*

## ୯୦ ଟନ୍ ଚୋରା କୋଇଲା ସହ ୭ ଟ୍ରକ ଜବତ : ୭ ଗିରଫ

ଅନୁଗୋଳ, ୨୮।୧ (ଶ୍ରୁ.ମି) : ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ାଉ କରି ୯୦ ଟନ୍ ଚୋରା କୋଇଲା ସହ ୭ଟି ଟ୍ରକକୁ ଜବତ କରିଛି । ଘଟଣାରୁ ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ପୁଲିସ ବଅାଁରପାଳ ଥାନା ଅଞ୍ଚଳରୁ ଓଆ - ୧୯ ଡ଼ି - ୩୬୧୨ ଓ ଓଆ ୧୯ ଏନ୍ - ୪୮୩୪ ଦୁଇଟି ଚୋରା କୋଇଲା ଟ୍ରକକୁ ପୁଲିସ ଜବତ କରିବା ସହ ତାଳଚେର ଅଞ୍ଚଳରୁ ଗୋଟିଏ ୧୦ ଚକିଆ ଟ୍ରକ, ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ ଗୋଟିଏ, ଛେଣ୍ଡିପଦା ଥାନା ଅଞ୍ଚଳରୁ ୨ଟି ଏଭଳି ଭାବରେ ସାତଟି ଟ୍ରକକୁ ପୁଲିସ ଜବତ କରିବା ସହ ଚାଳକମାନଙ୍କୁ ଗିରଫ କରିଛି । ବେଆଇନ କୋଇଲା ଖଣି ସେଠାରେ ବିଭିନ୍ନ ସମୟରେ ଚୋରା କୋଇଲା ଚାଲାଣ ହୋଇଆସୁଛି । ଗତ କାଲି ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରୁ ଟ୍ରକ ଗୁଡ଼ିକ ବାହାରି କଟକ ଅଭିମୁଖେ ଯାଉଥିବା ବେଳେ ପୁଲିସ ଚଢ଼ାଉ କରି ଚୋରା କୋଇଲା ଟ୍ରକ ଗୁଡ଼ିକୁ ଜବତ କରିଥିଲା ।

## ବିଜେପି ପକ୍ଷରୁ ମନକୀ ବାତ୍ କାର୍ଯ୍ୟକ୍ରମ

*ଝୁମ୍ପୁରା, ୨୮।୧ (ଶ୍ରୁ.ମି): ରବିବାର ଦିନ ଝୁମ୍ପୁରା ମଣ୍ଡଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ମନକୀ ବାତ୍ କାର୍ଯ୍ୟକ୍ରମ ଜିଲା ଯୁବମୋର୍ଚ୍ଚା ସଂପାଦକ ଅନିଦ୍ୟ ବେହେରାଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବଡଡୁମୁରିଆ ପଞ୍ଚାୟତ ଠାରୁ ଆରମ୍ଭ କରି ଝୁମ୍ପୁରା, ଅର୍ଶଳା, ବାଲିବନ୍ଧ, ଖୁଣ୍ଟାପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ବିଜେପି ପକ୍ଷରୁ ଲୋକ ମାନଙ୍କ ପାଇଁ କ'ଣ କ'ଣ ଜନହିତକର ଯୋଜନା କରିଛନ୍ତି, ଏହି ଯୋଜନାରୁ ଲୋକ ମାନେ କିପରି ସୁଫଳ ପାଇ ପାରିବେ ସେ ସମ୍ପର୍କରେ ଝୁମ୍ପୁରା ମଣ୍ଡଳ ବିଜେପି ପକ୍ଷରୁ ଗ୍ରାମକୁ ଗ୍ରାମ ବୁଲି ଲୋକ ମାନଙ୍କୁ ସଚେତନା କରିଥିଲେ । ସଂପ୍ରତି ଦେଶର ପ୍ରଧାନ ମନ୍ତ୍ରୀ ଗ୍ରାମାଞ୍ଚଳରେ ରହିଥିବା ଗରିବ ଲୋକଙ୍କ ପାଇଁ କିପରି ହିତକର ଯୋଜନା ଆରମ୍ଭ କରି ଲୋକଙ୍କୁ ଏହି ଯୋଜନାରେ ସାମିଲ କରୁଛନ୍ତି ତାହା ତାଙ୍କ ମନକୀ ବାତ୍ ଜରିଆରେ ସମସ୍ତଙ୍କୁ ଅବଗତ କରୁଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ଅନୁବ୍ରତ ବେହେରା ।*

## ଅନୁଗୁଳ ଲାୟନ୍ସ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



ଅନୁଗୋଳ, ୨୮।୧ (ଶ୍ରୁ.ମି) : ଅନୁଗୁଳ ଲାୟନ୍ସ କ୍ଲବ ପକ୍ଷରୁ ୬୯ତମ ସାଧାରଣତନ୍ତ୍ର ଦିବସ ଅନୁଗୁଳ ଲାୟନ୍ସ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ମାଣ୍ଡୋଠିଆଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଆଲୋକ ପରିସରରେ ଅନୁଗୁଳ ଲାୟନ୍ସ କ୍ଲବର ପୂର୍ବତନ ସଭାପତି ଶ୍ରୀମତୀ କଳ୍ପନା ପାଳିତ୍ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ୩୨୨-ସି୫ର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପ୍ରଭାତ ପାଳିତ୍, ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପରମାନନ୍ଦ ମିଶ୍ର ଯୋଗଦେଇ ଲାୟନ୍ସ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ବିଶଦ୍ ଭାବେ ଆଲୋକପାତ କରିଥିଲେ । ସେମାନଙ୍କ ମଧ୍ୟରେ କ୍ଲବର ପ୍ରତିଷ୍ଠାତା ସଦସ୍ୟ ବଜ୍ରରଙ୍ଗଲାଲ୍ ଅଗ୍ରୱାଲ, ଆର୍.କେ. ମହୁରୀ, ଅଶୋକ ମୁରାର୍କା ପ୍ରମୁଖ ଭାରତର ସାଧାରଣତନ୍ତ୍ର ଦିବସ ଏବଂ ଲାୟନ୍ସ କ୍ଲବର ଆଗାମୀ ଦିନରେ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକାଶ କରିଥିଲେ । ଶେଷରେ ଲାୟନ୍ସ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ମାଣ୍ଡୋଠିଆ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ଚୌଧୁରୀ, ରିତେଶ ମୋଦି, ଅନୁଗୁଳ ଲାୟନ୍ସ କ୍ଲବର ବହୁ ସଦସ୍ୟ, ଆଲୋକ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତା ଏବଂ କାର୍ଡିଆକ୍ ସର୍ଜରୀ ପାଇଁ ଆସିଥିବା ରୋଗୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳ ଲୋକାର୍ପଣ କଲେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'କବିତାରେ କଥାବାର୍ତ୍ତା' ଗ୍ରନ୍ଥ

ବାଲେଶ୍ୱର, ୨୮/୧ (ଶ୍ରୁ.ମି) : ସାକ୍ଷାତ୍କାରମାନ ସାଧାରଣତଃ ଗଦ୍ୟରେ କରାଯାଉଥିବା ବେଳେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ କବିତାରେ ପ୍ରଶ୍ନକରି ୧୧ଜଣ ବିଶିଷ୍ଟ କବିଙ୍କର ସାକ୍ଷାତ୍କାରକୁ ପଦ୍ୟମାଧ୍ୟମରେ ଗ୍ରହଣ କରିଛନ୍ତି । ସେହି ବିଶିଷ୍ଟ କବିମାନଙ୍କମଧ୍ୟରେ ସରସ୍ୱତୀ ଉପାଧିପ୍ରାପ୍ତ ରମାକାନ୍ତ ରଥ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସୀତାକାନ୍ତ ମହାପାତ୍ର, ବିପ୍ଳବୀ କବି ରବି ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଦୀପକ ମିଶ୍ର, ପ୍ରସନ୍ନ ମିଶ୍ର, ବ୍ରଜନାଥ ରଥ, ଲଳିତ କବି ପଞ୍ଚାନନ ଦାଶ,ସମରେନ୍ଦ୍ର ନାୟକ, ପ୍ରତିଭାମୟୀ ନାରୀକବି ଗିରିବାଳା ମହାନ୍ତି, ରାଜନୀତିଜ୍ଞ କବି ପ୍ରସନ୍ନ ପାଟଶାଣୀ,ହାସ୍ୟ ବ୍ୟଙ୍ଗର କବି ରାଧୁ ମିଶ୍ର ଇତ୍ୟାଦି ଅନ୍ୟତମ । ଏପରି ଗ୍ରନ୍ଥ ଓଡ଼ିଶାରେ ପ୍ରଥମ ବୋଲି ଅଭିବ୍ୟକ୍ତି ପ୍ରଦାନ କରି ବାଲେଶ୍ୱରର ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଶନିବାର ସଂଧ୍ୟାରେ ଶାନ୍ତିକାନନଠାରେ



ଗ୍ରନ୍ଥଟିକୁ ଲୋକାର୍ପଣ କରିଥିଲେ । ସାହିତ୍ୟର ସହରରେ ସେ ପୂର୍ବରୁ ସାହିତ୍ୟ ଓ ସଂସ୍କୃତି ସହ ଜଡ଼ିତ ଥିଲେ ଓ ଏବେ ଜିଲ୍ଲାପାଳଭାବରେ କାର୍ଯ୍ୟରେ ଯୋଗଦେବାପରେ ଏଥିସହ ଅଧିକଭାବରେ ଜଡ଼ିତହେବେ ବୋଲି ପ୍ରକାଶ କରିବା ସହ ଡ.ତ୍ରିପାଠୀଙ୍କର ଉତ୍ତରୋତ୍ତର ସାରସ୍ୱତ ଉନ୍ନତି କାମନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଦେବକାନ୍ତଗଙ୍ଗାବାରଣ ଦାସ ଅର୍ଥାତ୍ ଶ୍ରୀଦେବ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା ଓ ପ୍ରଶାନ୍ତ ଦାସ ଯୋଗଦେଇ ଏହି ପଞ୍ଚସଖା ଏକଦା ବାଲେଶ୍ୱରରେ ସାରସ୍ୱତ ଇତିହାସ ସୃଷ୍ଟି କରିଥିଲେ ଓ ସେମାନଙ୍କର ନୂତନ ନୂତନ ଚିନ୍ତାଧାରା ଓଡ଼ିଶାର ସ୍ରଷ୍ଟାମାନଙ୍କୁ ଚିନ୍ତାକରିବାର ଖୋରାକ ଯୋଗାଉଥିଲା ବୋଲି ପ୍ରକାଶ କରିଥିଲେ । ଡ.ହେମମାଳା ଦାଶ ଗ୍ରନ୍ଥ ସୃଷ୍ଟିର ଆରମ୍ଭକାଳରୁ ସେଥିସହ ଜଡ଼ିତ ଅଛନ୍ତି ବୋଲି କବିବା ସହ ସର୍ବଶୁଭ କାମନା କରିଥିଲେ । ପରିଚୟର ସଂପାଦକ ତପନ ରାୟଙ୍କ ପତ୍ରିକାରେ କବିତାରେ କଥାବାର୍ତ୍ତାର କିଛି ଅଂଶ ପ୍ରକାଶିତ ହୋଇଥିବାରୁ ସେ ତାଙ୍କର ବକ୍ତବ୍ୟରେ ଆନନ୍ଦ ପ୍ରକାଶ କରିଥିଲେ ।

### ମୟୂରଭଞ୍ଜ ପୂର୍ବତନ ଜିଲ୍ଲା ପରିଷଦ ସଭାପତିଙ୍କ ବୟାନ

## ଜିଲ୍ଲାପାଳ ସବୁ କ୍ଷମତା ଅପହରଣ କରିନେଇଥିଲେ

ବାରିପଦା, ୨୮।୧ (ଶ୍ରୁ.ମି) : ତତ୍କାଳୀନ ମୟୂରଭଞ୍ଜ ଜିଲ୍ଲାପଳ ମୋ'ଠାରୁ ସବୁ କ୍ଷମତା ଅପହରଣ କରିନେଇଥିଲେ । ମୁଁ ଏକପ୍ରକାର ସଖୀକଣ୍ଢେଇ ସାଜି ବନ୍ଦୀ ହୋଇଯାଇଥିଲି । ଏଭଳି ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବରିଷ୍ଠ ବିଜେଡି ନେତା ପ୍ରକାଶ ସୋରେନ୍ । ଗଣମାଧ୍ୟମ ସାମ୍ନାରେ ସେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲ୍ଲାପରିଷଦ ସଭାପତି ଥିବା ଏହି ନେତାଙ୍କ ବୟାନ ପଞ୍ଚାୟତିରାଜ ପ୍ରତିନିଧିଙ୍କ ଦୟନୀୟ ସ୍ଥିତିକୁ ଆଜି ପଦାରେ ପକାଇଦେଇଛି । ଏହା ଅନେକ ସମୟରେ ଚର୍ଚ୍ଚା ହେଉଥିଲେ ହେଁ ଶାସକ ଦଳର କୌଣସି ନେତା ଖୋଲାଖୋଲି କହୁନଥିଲେ ।

ଶ୍ରୀ ସୋରେନ ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ଆଡକୁ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ବିଜେଡିର ଭାବମୂର୍ତ୍ତି ନଷ୍ଟ ପାଇଁ ତାଙ୍କୁ ଦାୟୀ କରିଛନ୍ତି । ସେ ଜିଲ୍ଲା ପରିଷଦର ସଭାପତି ନୁହେଁ ବରଂ ଜଣେ ବନ୍ଦୀ ଭଳି ଜୀବନ କାଟୁଥିଲେ । ପୂର୍ବତନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ ଅଫିସରମାନେ ତାଙ୍କୁ ଅସହଯୋଗ କରୁଥିଲେ । ସେ କେବଳ କଣ୍ଢେଇଟିଏ ଭଳି ନିଜ ଅଫିସରରେ ବସି ବସି ସମୟ କାଟୁଥିଲେ । ସେ ଖୁବ୍ ଅସହାୟ ଓ ନିର୍ବାକ ହୋଇଯାଇଥିଲେ । ଜଣେ ଜନ ପ୍ରତିନିଧି ଭାବେ କୌଣସି କର୍ମୀ କିମ୍ବା ଦଳୀୟ ସମର୍ଥକଙ୍କ କୌଣସି ଦାବି ପୂରଣ କରିପାରୁନଥିଲେ । ନବୀନ ପଟ୍ଟନାୟକ ସରକାର ଅମଳରେ ଜିଲ୍ଲାପାଳମାନେ ଖୁବ୍ ଅହଂକାରୀ ହୋଇପଡିଛନ୍ତି ଏବଂ ସେମାନେ କୌଣସି ଜନପତିନିଧିମାନଙ୍କ ସର୍ବନିମ ସୌଜନ୍ୟ ପ୍ରଦର୍ଶନ କରୁନାହାନ୍ତି । ଜିଲ୍ଲାପାଳଙ୍କ ଦୁର୍ବ୍ୟବହାରରେ ସେ ଜଣେ ପୀଡିତ ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲାର ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଏକଜୁଟ ହୋଇ ଜିଲ୍ଲାପାଳମାନଙ୍କ ଅହଂକାର ଓ ଅହମିକା ବିରୋଧରେ ମେଳି କରିବାକୁ ସେ ଆହ୍ୱାନ ଜଣାଇଛନ୍ତି । ଯଦିଓ ସେ ବର୍ତ୍ତମାନ ବିଜୁ ଜନତା ଦଳରେ ନାହାନ୍ତି ବୋଲି ଖୋଲାଖୋଲି ପ୍ରକାଶ କରିଛନ୍ତି । ଆଗକୁ ବିଜେପି ଦଳରେ ଯୋଗଦେବେ କି ବୋଲି ସାମ୍ବାଦିକମାନେ ପ୍ରଶ୍ନ କରିବାରୁ ସମ୍ଭାବନାକୁ ଏଡାଇ ଦେଇ ହେବନି ବୋଲି ଉତ୍ତର ଦେଇଛନ୍ତି । ବାରିପଦା ସଦର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପିର ପ୍ରାର୍ଥୀ ହେବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

